ଧରିତ୍ରୀ
DHARITRI

February 17-23, 2019 ₹2/-

ଛୁଟିଦିନ


# ଦୋକାନୀ ନଥିବା ଦୋକାନ






୪
ପ୍ରଚ୍ଛଦ ପ୍ରସଙ୍ଗ

ଏସବୁ ଏମିତି ଦୋକାନ, ଯେଉଁଠି ଜିନିଷ ଥାଏ। ମୂଲ୍ୟର ଏକ ତାଲିକା ବି ରହିଥାଏ। ହେଲେ ତାକୁ ବିକିବାକୁ ନ ଥାଆନ୍ତି ଦୋକାନୀ। ପାଖରେ ରଖା ଯାଇଥାଏ ଟଙ୍କା ବାକ୍ସଟିଏ। ଗ୍ରାହକ ଏଠାକୁ ଆସନ୍ତି, ଜିନିଷ ଦେଖନ୍ତି। ପସନ୍ଦର ଜିନିଷ ନେଇ ଲିଖିତ ମୂଲ୍ୟ ଅନୁସାରେ ଟଙ୍କା ବାକ୍ସରେ ଗଳାଇ ଚାଲି ଯାଆନ୍ତି...





୮/୯
ସିନେମା

ସହରଠୁ ଦୂର
୧୩



# ବଗ୍ ଫେଷ୍ଟିଭାଲ

ନିଜ ସଂସ୍କୃତି ଏବଂ ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତ୍ୟେକ ସମ୍ପ୍ରଦାୟର ଲୋକେ ବିଭିନ୍ନ ଉତ୍ସବ ଆୟୋଜନ କରିଥାନ୍ତି । ତେବେ ଜୀବଜଗତ ତଥା ମନୁଷ୍ୟ ଜୀବନରେ କୀଟପତଙ୍ଗଙ୍କ ଭୂମିକା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଟେକ୍ସାସର



ଅଷ୍ଟିନଠାରେ ଆୟୋଜିତ ହୁଏ ବଗ୍ ଫେଷ୍ଟିଭାଲ। ୨୦୦୮ ରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ଅଜବ ଫେଷ୍ଟିଭାଲକୁ ଦେଖିବା ତଥା ଭାଗନେବା ଲାଗି ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହି ଫେଷ୍ଟିଭାଲରେ ପୃଥିବୀର ବିଭିନ୍ନ ପ୍ରଜାତିର କୀଟପତଙ୍ଗଙ୍କ ପ୍ରଦର୍ଶନୀ ହେବା ସହିତ ବିଶେଷଜ୍ଞମାନେ ଏହି କୀଟପତଙ୍ଗଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥାନ୍ତି। ଏହି ଫେଷ୍ଟିଭାଲର ସବୁଠାରୁ ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଏକ୍ସପର୍ଟ ସେଫ୍‌ମାନଙ୍କ ଦ୍ୱାରା କୀଟପତଙ୍ଗଙ୍କୁ ବ୍ୟବହାର କରି ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତ କରାଯାଇଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଖାଦ୍ୟପଦାର୍ଥ ଚାଖିବାର ମଧ୍ୟ ସୁଯୋଗ ପାଇଥାନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃୟାରୀ ୧୭-୨୩

**ମେଷ** – ପାରିବାରିକ ଅସ୍ଥିରତା । ସ୍ଥିର ସିଦ୍ଧାନ୍ତ ନେଇପାରିବେନି । କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ । ଶତ୍ରୁଙ୍କ ଦ୍ୱାରା ସମସ୍ୟାସୃଷ୍ଟି । ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ । ପର ପାଇଁ ଖଟିବେ। ଯାତ୍ରା ସ୍ଥଗିତ ରହିବ । ପାରିବାରିକ ସୌଖ୍ୟ ଲାଭ ।

**ବୃଷ** – ଶାରୀରିକ ପୀଡ଼ା । ମିତ୍ରତା ବୃଦ୍ଧି । ଭୋଗବିଳାସ ପ୍ରିୟ ହେବେ । ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି । କର୍ମକ୍ଷେତ୍ରରେ ସମସ୍ୟା । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆଭୂଷଣ ପ୍ରାପ୍ତି । ନୂତନ ସ୍ଥାନ ପରିଦର୍ଶନ । ଅର୍ଥ ସଙ୍କଟରୁ ଦୁଶ୍ଚିନ୍ତା ।

**ମିଥୁନ** – କାର୍ଯ୍ୟହାନିରୁ ଅନୁତାପ । ପାରିବାରିକ ବିଶୃଙ୍ଖଳା । ସହଯୋଗ ଅବଶ୍ୟ ମିଳିବ । କର୍ମକ୍ଷେତ୍ରରେ ଅସ୍ଥିରତା । ପଡ଼ୋଶୀଙ୍କ ବଦାନ୍ୟତା । ପାରିବାରିକ ଉଦାସୀନତା । କଳାପ୍ରିୟ ହେବେ ।

**କର୍କଟ** – ସ୍ୱାସ୍ଥ୍ୟରେ ଉନ୍ନତି । ସହକର୍ମୀଙ୍କ ସୌହାର୍ଦ୍ଦ୍ୟ । ଭାବପ୍ରବଣତା ବଢ଼ିବ । କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ । ଅଫିସ୍‌ରୁ ଅଭିଯୋଗ ଆସିପାରେ । ପରୀକ୍ଷାରେ ସଫଳତା । ଫଳପ୍ରଦ ଆଲୋଚନା ।

**ସିଂହ** – ଯାତ୍ରା ସଫଳ ହେବ । ଅର୍ଥଲାଭରୁ ଆନନ୍ଦ । ସାହାଯ୍ୟ, ସହଯୋଗ ମିଳିବ । ନିର୍ମାଣ କାର୍ଯ୍ୟ ଅଟକିବ । ବିଳାସର ପ୍ରାଚୁର୍ଯ୍ୟ ପାଇବେ । ଯାନବାହନରେ ସମସ୍ୟା। ବାଣିଜ୍ୟର ଅଭିବୃଦ୍ଧି।

**କନ୍ୟା** – କାର୍ଯ୍ୟସିଦ୍ଧିରୁ ଆନନ୍ଦ । ବିବାଦର ଅବସାନ । ଲୋକପ୍ରିୟତା ବୃଦ୍ଧି । ପାରିବାରିକ ଅଶାନ୍ତି । ଏଜେନ୍ସିପରୁ ଖୁସି ରହିବେ । ପଦମର୍ଯ୍ୟାଦା ବୃଦ୍ଧି । କାମଟି ଅପୂର୍ଣ୍ଣ ରହିବ । ପ୍ରତିବନ୍ଧକରୁ ମନସ୍ତାପ । ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ।

**ତୁଳା** – ବନ୍ଧୁଙ୍କ ସହ ଦୂରଯାତ୍ରା । କର୍ମ ଜଞ୍ଜାଳ ବୃଦ୍ଧି, ଅନିଦ୍ରାଜନିତ କ୍ଲେଶ, ସମସ୍ୟା ସୁଧୁରିଯିବ । ସହକର୍ମୀଙ୍କ ବିରୋଧ । ସନ୍ତାନ ହେତୁକ ଗୌରବ । ଶତ୍ରୁମାନଙ୍କ ଦ୍ୱାରା ଅପଦସ୍ଥ । ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ । ଧାର୍ମିକ କାର୍ଯ୍ୟ କରିବେ ।

**ବିଛା** – ପରିସ୍ଥିତି ବଦଳିଯିବ । ସମସ୍ୟାର ମୁକାବିଲା କରିବେ । ବକେୟା ଟଙ୍କା ପାଇବେ। ଧର୍ମାନୁଷ୍ଠାନରୁ ପ୍ରେରଣା ମିଳିବ । ଶିକ୍ଷାରେ ସଫଳତା । ପ୍ରତୀକ୍ଷାଜନିତ ଯନ୍ତ୍ରଣା । ପୁରାତନ ରୋଗରେ ପୀଡ଼ା। ଦୂର ବାଣିଜ୍ୟରେ ବାଧା । କାର୍ଯ୍ୟସିଦ୍ଧି ହେବ ।

**ଧନୁ** – ସ୍ୱାସ୍ଥ୍ୟରେ ଉନ୍ନତି । ବନ୍ଧୁଙ୍କ ଅର୍ଥ ସାହାଯ୍ୟ । ସହକର୍ମୀଙ୍କ ସହାନୁଭୂତି । ପୁତ୍ରକନ୍ୟା ହେତୁକ ସମସ୍ୟା । ପରାଶ୍ରୟତାରୁ ମନସ୍ତାପ । ପଡ଼ୋଶୀଙ୍କ ସହାନୁଭୂତି । ଶୁଭଖବର ପାଇବେ। ସଦ୍‌ଭାବ ଅକ୍ଷୁର୍ଣ୍ଣ ରହିବ ।

**ମକର** – ମାଙ୍ଗଳିକ କାର୍ଯ୍ୟ । ଉନ୍ନତ ଚିନ୍ତା କରିବେ । ଯୋଜନା କାର୍ଯ୍ୟକାରୀ ହେବ। ମତାନ୍ତରରୁ ଅଶାନ୍ତି । ଆଘାତ ଲାଗିପାରେ । ହଠାତ୍ ଯାତ୍ରା କରିପାରନ୍ତି । ଜିଦ୍‌ରେ ଅଟଳ ରହିପାରନ୍ତି । ଦ୍ୱନ୍ଦ୍ୱର ଅବସାନ ଘଟିବ । ଦୈହିକ ଦୁର୍ବଳତା। ଯାତ୍ରା ସ୍ଥଗିତ ରହିବ ।

**କୁମ୍ଭ** – ପଡ଼ୋଶୀଙ୍କ ପ୍ରତାରଣା । ସାହାଯ୍ୟ ପ୍ରତିଶ୍ରୁତି ମିଳିବ । ଯାନବାହନ କ୍ରୟ କରିବେ । ବନ୍ଧୁମିଳନ ଘଟିବ । ଛୋଟକଥାରୁ ଦ୍ୱନ୍ଦ୍ୱ । କାର୍ଯ୍ୟରେ ବ୍ୟତିକ୍ରମ ଦେଖାଦେବ। ଭ୍ରମଣ ସୁଯୋଗ ଜୁଟିବ । ସମସ୍ୟା ସମାଧାନ । ବ୍ୟବସାୟରେ ଉନ୍ନତି । ମାଙ୍ଗଳିକ କାମକରିବେ ।

**ମୀନ** – ନୂତନ ଯୋଜନା କରିବେ । ସହଯୋଗ ପାଇବେ । ପ୍ରତିବନ୍ଧକ ଦୂରହେବ । ଦୂରଯାତ୍ରାର ମସୁଧା । ସୁସ୍ଥତା ଫେରିପାଇବେ । ଶତ୍ରୁତାର ଅବସାନ ଘଟିବ । ସ୍ଥଗିତ କାମରେ ଅଗ୍ରଗତି । ପ୍ରତିକୂଳ ସ୍ଥିତିର ଚାପ କମିବ । ଆଶା ପୂରଣ ହେବ ।

# ଶୁଭଫଳ ପାଇଁ ଆକ୍ୱାରିୟମ



* ଘରର ଦକ୍ଷିଣ-ପୂର୍ବ ଦିଗ ଧନ ସମ୍ପଦ ପାଇଁ ଉଦ୍ଦିଷ୍ଟ। ତେଣୁ ଏହି ଦିଗରେ ଆରୋୱାନା ମାଛର ଆକ୍ୱାରିୟମ ରଖିବା ଦ୍ୱାରା ଧନ ସମ୍ପଦରେ ଅଭିବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି।
* ବୃତ୍ତି କ୍ଷେତ୍ରରେ ଉନ୍ନତି ଲାଗି ଘରର ଉତ୍ତର ଦିଗରେ ଆକ୍ୱାରିୟମ ରଖନ୍ତୁ।
* ଘରର ପୂର୍ବ ଦିଗରେ ଆକ୍ୱାରିୟମ ରଖିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୋଇଥାଏ।
* ଆକ୍ୱାରିୟମ ରଖିବା ଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂରେଇବା ସହ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ।
* ଆକ୍ୱାରିୟମରେ ଯଦି କୌଣସି ମାଛ ମରିଯାଏ ତେବେ ଏହା ଘରକୁ ଆସୁଥିବା କୌଣସି ବିପଦ ଟଳିଯିବାର ସଙ୍କେତ ଦେଇଥାଏ।
* ଡାକ୍ତରୀ ବିଜ୍ଞାନ ଅନୁଯାୟୀ ମାଛଙ୍କୁ ଆକ୍ୱାରିୟମରେ ପହଁରୁଥିବାର ଦେଖିବାଦ୍ୱାରା ମାନସିକ ଶାନ୍ତି ମିଳିଥାଏ।
* ଭୋକିଲା ମାଛଙ୍କୁ ଖାଦ୍ୟ ଦେବା ଆପଣଙ୍କ ଉତ୍ତମ କର୍ମକୁ ସୂଚାଇଥାଏ।

# ପାଠକୀୟ

❖ଏମାନେ ଅଦାଲତ, ଥାନା, କୋର୍ଟ, କଚେରିକୁ ସମ୍ମାନ ଦିଅନ୍ତି। ତଥାପି ଗାଁର ନ୍ୟାୟ ନିଶାପ ପାଇଁ ଗାଁ କୋଠଘର, ଭାଗବତ ଟୁଙ୍ଗି ବା ଦୋଳମଣ୍ଡପରେ ଏକାଠି ହୁଅନ୍ତି। ଗାଁ ମୀମାଂସାକୁ ସମ୍ମାନ ଦିଅନ୍ତି, ଯାହା ଗାଁର ଭାଇଚାରାକୁ ସୁଦୃଢ଼ କରିଥାଏ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଛୁଟିଦିନରେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଗାଁ ମୀମାଂସା'ଟି ବହୁତ ସୁନ୍ଦର ହୋଇଥିଲା। 'ବନ୍ଧୁତା କରିବା ଏକ କଳା'ରୁ ନୂଆ କଥା ଶିଖିବାକୁ ମିଳିଲା।

*–ତପସ୍ୱିନୀ ପଲେଇ, ଦାରିଙ୍ଗବାଡ଼ି*

❖ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଗାଁ ମୀମାଂସା' ଏକ ସମୟୋପଯୋଗୀ ତଥା ନିଆରା ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ ପୃଷ୍ଠାରୁ 'ଉଡେନ୍ ଜୁଏଲେରି' ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ପାଇଲି। 'ଜୀବନ୍ତ କଣ୍ଢେଇ' ପାଠଟି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ମେକାନିକାଲ ଇଞ୍ଜିନିୟରିଂରୁ ସର୍ଟଫିଲ୍ମ ନିର୍ଦ୍ଦେଶକ ସାଜିଥିବା ବିଶ୍ୱନାଥ ରଥଙ୍କ ଜୀବନ କାହାଣୀ ସମ୍ପର୍କରେ ବ୍ୟକ୍ତିତ୍ୱ ପୃଷ୍ଠାରେ ପଢ଼ି ଖୁସି ଲାଗିଲା।

*–ଶଙ୍କର ଦାଶ, ଭବାନୀପାଟଣା*

❖ସୃଜନ ପୃଷ୍ଠାରେ ସ୍ଥାନିତ 'ବୋଉ' ନାମକ ଗପଟି ପଢ଼ିଲି, ଖୁବ୍ ସୁନ୍ଦର ଥିଲା ଏହାର ବିଷୟବସ୍ତୁ। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଥିଲା। ଖାସ୍ କରି ଏଥିରେ ସ୍ଥାନ ପାଇଥିବା ଦିଶା ପଟାନିଙ୍କ ଫଟୋଟି ମୋତେ ବହୁତ ଆକୃଷ୍ଟ କରିଥିଲା। ଲେଖିକା ରାଜଲକ୍ଷ୍ମୀ ଦାଶଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପ୍ରଥମ ରୋଜଗାର ସ୍ତମ୍ଭରୁ ପଢିଲି, ମନକୁ ବେଶ୍ ଛୁଇଁଥିଲା ତାଙ୍କ ଚିନ୍ତାଧାରା।

*–ରାକେଶ ଶତପଥୀ, ସମ୍ବଲପୁର*

❖'ସାଇକେଲ' ପାଠଟିରୁ ବହୁ ଅଜବ ଅଜବ ସାଇକେଲ ସମ୍ପର୍କରେ ଜାଣିହେଲା। ମଡେଲ ମିରର୍‌ରେ 'ସ୍ୱପ୍ନା' ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି 'କଣ୍ଢେଇ ସଂଗ୍ରହାଳୟ' ପାଠଟିରୁ ଏକ ନୂଆ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଜାଣି ଖୁସି ଲାଗିଲା। 'କାଗଜ ଅକ୍ଟୋପସ୍' ପାଠଟିରେ ସ୍ଥାନ ପାଇଥିବା ଫଟୋଗୁଡ଼ିକୁ ଦେଖିଲେ ସତରେ ଜଣେ ଦ୍ୱନ୍ଦ୍ୱରେ ପଡିଯିବେ, ଏହା କ'ଣ କାଗଜରେ ତିଆରି ହୋଇଥିବା ଅକ୍ଟୋପସ୍ ନା ରିୟଲ୍ ଅକ୍ଟୋପସ୍।

*–ଆକାଂକ୍ଷା ମହାନ୍ତି, ବରମୁଣ୍ଡା, ଭୁବନେଶ୍ୱର*

❖ଯାତ୍ରା ପୃଷ୍ଠାରେ ସ୍ଥାନିତ ଅଭିଜ୍ଞ ଅଭିନେତା ତ୍ରିଲୋଚନଙ୍କ ଯାତ୍ରା ଇନିଂସ ସମ୍ପର୍କରେ ପଢ଼ିଲି ଭଲ ଲାଗିଲା। ସେହିପରି ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ମଡେଲ କୁକୁର'ଏବଂ '–୫୨°ରେ ରେସ୍' ଆଦି ପାଠ ସତରେ ଖୁବ୍ ଅଦ୍ଭୁତ ଥିଲା।

*–ଟିଙ୍କି, ମାମାଲି, ପାପାଲି, ଚନ୍ଦନପୁର, ପୁରୀ*

## ବିଶେଷ ଚିଠି



ଖବରକାଗଜ ନନ୍ଦନକାନନେ
'ଧରିତ୍ରୀ' ହିଁ ପାରିଜାତ
ପ୍ରତି ରବିବାରେ ଆସେ ତା' ସାଥିରେ
ଛୁଟିଦିନ ସୁଶୋଭିତ।
ଷୋହଳ ପୃଷ୍ଠାର ରଙ୍ଗିନ ପତ୍ରିକା
ଆସେ ନୂଆ ଲେଖା ନେଇ
ବାଳୁତଠୁ ବୃଦ୍ଧ ସବୁ ପାଠକଙ୍କ
ମନ ପ୍ରାଣ ନିଏ ମୋହି।
ପ୍ରଚ୍ଛଦ ପ୍ରସଙ୍ଗ କାର୍ଟୁନରେ ବ୍ୟଙ୍ଗ
ବ୍ୟାକ୍‌ପେଜ୍ ମଜାଦାର
ମନ ବୁଝେ ନାହିଁ ନ ପଢ଼ିଲେ ଭାଇ
ସୃଜନ, ସାଥୀ ଉତ୍ତର।

**–ଶରତ କୁମାର ଚଉଁରୀ,**
**ମଙ୍ଗଳପୁର, ପିପିଲି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବ୍ରାଇଡାଲ୍ ଫୁଟ୍‌ୱେର୍



**ବାହାଘର ପାଇଁ ଫୁଟୱେର୍ କିଣିବାକୁ ଗଲାବେଳେ କିଛି ଖାସ୍ କଥାପ୍ରତି ଧ୍ୟାନ ରଖିବା ନିହାତି ଆବଶ୍ୟକ। ଯେମିତିକି ଭେନ୍ୟୁ, ସିଜନ୍ ଆଉ ସବୁଠୁ ଜରୁରୀ ହେଉଛି ଆଉଟ୍‌ଫିଟ୍। କାରଣ ବ୍ରାଇଡାଲ୍ ଆଉଟ୍‌ଫିଟ୍ ସହ ଯଦି ବ୍ରାଇଡାଲ୍ ଫୁଟୱେର୍ ଠିକ୍ ମ୍ୟାଚ୍ ନ କଲା, ତା'ହେଲେ ଲୁକ୍ ସେତେ ଆକର୍ଷଣୀୟ ଲାଗେ ନାହିଁ...**

ବାହାଘର ଭଳି ଖାସ୍ ଦିନରେ ସବୁଠୁ ସୁନ୍ଦର ଆଉ ଆକର୍ଷଣୀୟ ଦେଖାଯିବା ପାଇଁ କେଉଁ ନବବଧୂଙ୍କର ବା ଇଚ୍ଛା ନୁହେଁ। ଏଥିପାଇଁ କେବଳ ଗର୍ଜିୟସ୍ ଶାଢ଼ି, ଗହଣା କିମ୍ବା ମେକଅପ୍ ଉପରେ ତ ଧ୍ୟାନ ଦେଲେ ହେବନି, ମ୍ୟାଚିଂ ବ୍ରାଇଡାଲ୍ ଫୁଟୱେର୍ ଚୟନ କରିବା ବି ନିହାତି ଜରୁରୀ। ଆଜିକାଲି ମାର୍କେଟ୍‌ରେ ଭିନ୍ନ ଭିନ୍ନ ଡିଜାଇନ୍‌ର ବ୍ରାଇଡାଲ୍ ଫୁଟୱେର୍ ମିଳିଲାଣି। ଏ ନେଇ କିଛି ଟିପ୍ସ...

### ଆଡଭାନ୍ସରେ ଶପିଂ

ବାହାଘର ପାଇଁ ଆଡଭାନ୍ସରେ ଯେମିତି ଆଉଟ୍‌ଫିଟ୍ କିଣି ତାକୁ ଫିଟିଂ କରାଯାଇଥାଏ, ଠିକ୍ ସେମିତି ବ୍ରାଇଡାଲ୍ ଫୁଟ୍‌ୱେର୍‌କୁ ବି କିଛିଦିନ ପୂର୍ବରୁ କିଣିବା ଦରକାର। ଏହାଦ୍ୱାରା କିଛି ସମୟ ମିଳେ, ତାକୁ ପିନ୍ଧିକି ଟିକେ ଢିଲା କରିବାକୁ। ନଚେତ ବାହାଘର ଦିନ ଏହାକୁ ବହୁ ସମୟ ଧରି ପିନ୍ଧି ରହିବାଦ୍ୱାରା ଗୋଡରେ ଫୋଟକା ହୋଇଯିବାର ସମ୍ଭାବନା ଥାଏ। କାରଣ ଅନେକ ସମୟରେ ନୂଆ ଜୋତା ପିନ୍ଧିଲେ ହିଁ ଏହି ସମସ୍ୟା ଦେଖାଯାଇଥାଏ। ସେହିପରି ପୂର୍ବରୁ କିଣିଲେ ଏଥିରେ ଆବଶ୍ୟକ ଅନୁଯାୟୀ ସୋଲ୍ ଲଗାଇପାରିବେ କିମ୍ବା ସ୍ଲିପ୍ ହେଉଥିଲେ ସୋଲ୍‌କୁ ବାଲି କାଗଜରେ ଘଷି ଏହାକୁ ଠିକ୍ କରିପାରିବେ।

### ଫେଭରାଇଟ୍ ମଡେଲ୍ ଓ ଷ୍ଟାଇଲ୍

ସମୟ ଅନୁସାରେ ଟ୍ରେଣ୍ଡରେ ବି ପରିବର୍ତ୍ତନ ଆସିଥାଏ। ପୂର୍ବେ ଲେହେଙ୍ଗା ଓ ଶାଢ଼ି ସାଙ୍ଗରେ ବଧୂମାନେ ହିଲ୍ ପିନ୍ଧିବାକୁ ପସନ୍ଦ କରୁଥିଲେ। କିନ୍ତୁ ଏବେ ଫ୍ଲାଟ୍, ୱେଜେସ୍ ଏପିରି କି କେହି କେହି କଲର୍‌ଫୁଲ୍ ସ୍ନିକର୍ସ ପିନ୍ଧିବାକୁ ଲାଗିଲେଣି। ତେବେ ମୁଖ୍ୟ କଥା ହେଉଛି ଏହିଦିନ ଏମିତି ଫୁଟୱେର୍ ପିନ୍ଧିବା ଦରକାର, ଯାହା ପରଫେକ୍ଟ ଲୁକ୍ ଦେବା ସହ କମ୍ଫର୍ଟେବ୍‌ଲ ବି ହେଉଥିବ।

**ହାଇ ହିଲ୍:** ଯଦି ଆପଣ ହାଇହିଲ୍ ପିନ୍ଧି କମ୍ଫର୍ଟେବ୍‌ଲ ଭାବେ ଚଲାବୁଲା କରିପାରିବେ, ତା'ହେଲେ ବାହାଘର ଦିନ ଏହାକୁ ପିନ୍ଧିବାରେ କିଛି ଅସୁବିଧା ନାହିଁ। ତା'ଛଡ଼ା ଏହାକୁ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ।

**ମିଡ୍ ହିଲ୍:** ହାଇହିଲ୍‌ଠାରୁ ଏହା ଟିକେ କମ୍ ଉଚ୍ଚତା ଥିବା ହିଲ୍, ଯାହାକୁ ସବୁ ବର୍ଗର ମହିଳା ପିନ୍ଧିପାରିବେ। ଖାସ୍ କରି ବାହାଘର ଦିନ ଏହି ହିଲ୍ ପିନ୍ଧିବାକୁ ନବବଧୂମାନେ ଅଧିକ ପସନ୍ଦ କରିଥାନ୍ତି।


**କିଟନ୍ ହିଲ୍:** ଯେଉଁମାନେ କେବେ ବି ହିଲ୍ ପିନ୍ଧି ନାହାନ୍ତି, ସେମାନେ ପ୍ରଥମେ ଏହି ହିଲ୍ ଟ୍ରାଏ କରିବା ଦରକାର। କାରଣ ଏହାର ଉଚ୍ଚତା ସେତେ ବେଶି ହୋଇ ନ ଥାଏ। ଯଦ୍ଦ୍ୱାରା  ଚଲାବୁଲା କରିବାରେ ସେମିତି କିଛି ଅସୁବିଧା ଦେଖାଯାଏ ନାହିଁ।

**ଫ୍ଲାଟ୍:** ଭିନ୍ନ ଭିନ୍ନ ଶେପ୍, ସାଇଜ୍ ତଥା କଲର୍‌ର ବ୍ରାଇଡାଲ୍ ଫ୍ଲାଟ୍ ବି ଏବେ ମାର୍କେଟ୍‌ରେ ମିଳିଲାଣି। ଯେଉଁ ବଧୂମାନେ ଦେଖିବାକୁ ଟିକେ ଅଧିକ ଡେଙ୍ଗା ସେମାନଙ୍କ ପାଇଁ ଫ୍ଲାଟ୍ ଗୋଟେ ଭଲ ଅପ୍ସନ। ଏହା ପିନ୍ଧିବାକୁ ବେଶ୍ କମ୍ଫର୍ଟେବ୍‌ଲ ବି ଲାଗିଥାଏ।

**ୱେଜେସ୍ ସୁ:** ଖରାଦିନେ ହେଉଥିବା ବାହାଘରରେ ଅନେକେ ଏବେ ୱେଜେସ୍ ସୁ ପିନ୍ଧିବାକୁ ପସନ୍ଦ କରୁଛନ୍ତି। କାରଣ ଏହା କମ୍ଫର୍ଟେବ୍‌ଲ ଫିଲ୍ ଦେଇଥାଏ।

### କିଛି ଟିପ୍ସ

ଭେନ୍ୟୁ ଓ ସିଜନ୍ ଅନୁସାରେ ବି ଫୁଟୱେର ଚୟନ କରିବା ଦରକାର। ସମର ସିଜନ୍ ପାଇଁ ଓପନ୍ ଷ୍ଟାଇଲ୍ ସ୍ୟାଣ୍ଡେଲ୍ ଆଉ ୱିଣ୍ଟର୍ ସିଜନ୍ ଲାଗି ଭେଲ୍‌ଭେଟ୍ ପାଟର୍ନ ସ୍ୟାଣ୍ଡେଲ୍ ଭଲ ଅପ୍ସନ । ସେହିପରି ଯଦି ଆପଣଙ୍କର ୱେଡିଂ ବିଚ୍ ନିକଟରେ ହେଉଥାଏ, ତା'ହେଲେ କମ୍ଫର୍ଟେବ୍‌ଲ ଲୁକ୍ ପାଇଁ ଗର୍ଜିୟସ୍ ଫ୍ଲାଟ୍ ପିନ୍ଧିପାରିବେ। ଅନ୍ୟପକ୍ଷେ ୱେଡିଂ ଭେନ୍ୟୁ ସ୍ଥାନରେ ଯଦି ଗାର୍ଡେନ, ଷ୍ଟୋନ କିମ୍ବା ଉଡେନ୍ ଫ୍ଲୋର୍ ଥାଏ, ତା'ହେଲେ ବ୍ଲକ୍ ହିଲ୍ ଟ୍ରାଏ କରିପାରିବେ।















# ଦୋକାନୀ ନଥିବା ଦୋକାନ






**ଏସବୁ ଏମିତି ଦୋକାନ, ଯେଉଁଠି ଜିନିଷ ଥାଏ। ମୂଲ୍ୟର ଏକ ତାଲିକା ବି ରହିଥାଏ। ହେଲେ ତାକୁ ବିକିବାକୁ ନ ଥାଆନ୍ତି ଦୋକାନୀ। ପାଖରେ ରଖା ଯାଇଥାଏ ଟଙ୍କା ବାକ୍ସଟିଏ। ଗ୍ରାହକ ଏଠାକୁ ଆସନ୍ତି, ଜିନିଷ ଦେଖନ୍ତି। ପସନ୍ଦର ଜିନିଷ ନେଇ ଲିଖିତ ମୂଲ୍ୟ ଅନୁସାରେ ଟଙ୍କା ବାକ୍ସରେ ଗଳାଇ ଚାଲି ଯାଆନ୍ତି...**


ଏସବୁ ଏମିତି ଦୋକାନ, ଯେଉଁଠି ଜିନିଷ ଥାଏ। ମୂଲ୍ୟର ଏକ ତାଲିକା ବି ରହିଥାଏ। ହେଲେ ତାକୁ ବିକିବାକୁ ନ ଥାଆନ୍ତି ଦୋକାନୀ। ପାଖରେ ରଖା ଯାଇଥାଏ ଟଙ୍କା ବାକ୍ସଟିଏ। ଗ୍ରାହକ ଏଠାକୁ ଆସନ୍ତି, ଜିନିଷ ଦେଖନ୍ତି। ପସନ୍ଦର ଜିନିଷ ନେଇ ଲିଖିତ ମୂଲ୍ୟ ଅନୁସାରେ ଟଙ୍କା ବାକ୍ସରେ ଗଳାଇ ଚାଲି ଯାଆନ୍ତି। ବିଶ୍ୱାସ ନ ହେଲେ ବି ଏଭଳି ଦୋକାନ ଅଛି, ଯାହା ଚାଲିଛି ସମ୍ପୂର୍ଣ୍ଣ ବିଶ୍ୱାସକୁ ଆଧାର କରି। ନା ଏଠି ହୋଇଛି କୌଣସି ଠକେଇ ନା ଚୋରି। ଏହା ହିଁ ଦର୍ଶାଏ ବିଶ୍ୱାସର ସତ୍ତା ଲୋପ ପାଇନି। ବରଂ କେଉଁଠି ନା କେଉଁଠି ଏବେବି ଜୀବିତ ଅଛି।


**ମିଜୋରମରେ ଚାଲିଛି ବିଶ୍ୱାସର ଦୋକାନ:** ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମିଜୋରମ। ସୁଉଚ୍ଚ ପର୍ବତମାଳା, ଘନ ବାଉଁଶ ବଣ ସହ ବିସ୍ତୀର୍ଣ୍ଣ ସବୁଜ କ୍ଷେତ। ତା'ସହିତ ଆକର୍ଷକ ଜଳପ୍ରପାତ କରେ ମିଜୋରମ୍‌ର ପରିବେଶକୁ ବେଶ୍ ମନୋରମ। ଯିଏ ଏଠାକୁ ଥରେ ଆସେ ଫେରିବାକୁ ଇଚ୍ଛା କରେନା। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେତିକି ମନଲୋଭା ଏଠାକାର ବାସିନ୍ଦା ସେତିକି ମେଳାପୀ ଓ ସ୍ନେହି ମଧ୍ୟ। ସେମାନେ ନିଜ ସ୍ନେହରେ ବାନ୍ଧି ଦିଅନ୍ତି ପର୍ଯ୍ୟଟକଙ୍କୁ। ତାସହ ଏମାନେ ନିଜର ସଚ୍ଚୋଟପଣ ଓ ଆତିଥ୍ୟ ପାଇଁ ବି ବେଶ୍ ପରିଚିତ। ବିନା ସ୍ୱାର୍ଥରେ ଅନ୍ୟଙ୍କୁ ସାହାଯ୍ୟ କରିବା, ସଦା ଦୟା ମନୋଭାବ ପୋଷଣ କରିବା ଓ ଉତ୍ତମ ସେବା ପ୍ରଦାନ କରିବା ହେଉଛି ଏଠାକାର ବାସିନ୍ଦାଙ୍କ ଲକ୍ଷ୍ୟ। ଏଠାରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗକୁ ନେଇ କୌଣସି ଭେଦଭାବ ବି ନ ଥାଏ। ସେଇଥିପାଇଁ ତ ଏଠାରେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ତେବେ ଏଠାକାର ଆଉ ଏକ ବିସ୍ମୟ ହେଉଛି ଏହାର ରାସ୍ତାକଡ଼ରେ ଥିବା ଦୋକାନ ସବୁ। ବିସ୍ମୟ ଏଇଥିପାଇଁ, ଯେ ଏହି ଦୋକାନରେ ଜିନିଷ ଥାଏ, ତା'ର ଦାମ୍ ଲେଖାଯାଇଥିବା ତାଲିକା ବି ଥାଏ। ହେଲେ ସେଠାରେ ନ ଥାଆନ୍ତି କୌଣସି ଦୋକାନୀ। ଜିନିଷର ଦାମ୍ ଦେଖି ସେଠାରେ ରଖାଯାଇଥିବା ପ୍ଲାଷ୍ଟିକ୍ ବୋତଲ ଭିତରେ ଟଙ୍କା ରଖି ତାକୁ କିଣିବାକୁ ହୁଏ। ଏମିତିକି ସେଠାରେ ଖୁଚୁରା ବାକ୍ସ ବି ଥାଏ। ଯଦି କାହାରି ପାଖରେ ଖୁଚୁରା ଟଙ୍କା ନ ଥାଏ ତେବେ ତା' ମଧ୍ୟରୁ ଟଙ୍କା ନେଇ ଚେଞ୍ଜ କରି ସାମଗ୍ରୀର ଦାମ୍ ଯେତିକି ରଖିଦେଇ ଯାଇପାରିବେ। ଜାତୀୟ ରାଜପଥର ପ୍ରାୟ ୬୫ କି.ମି. ପର୍ଯ୍ୟନ୍ତ ଏଭଳି ଦୋକାନ ରାସ୍ତାକଡ଼ରେ ଦେଖିବାକୁ ମିଳିଥାଏ। ଫଳ, ପନିପରିବା, ଫୁଲ, ସୁଖୁଆ, ମଧୁରମାଛ ଗେଣ୍ଡା ସହ ଘର ପାଇଁ ଆବଶ୍ୟକୀୟ କିଛି ସଉଦା ସାମଗ୍ରୀ ବି ଏହି ଦୋକାନରେ ସଜା ହୋଇ ରଖାଯାଇଥାଏ। ଲୋକେ ବାଉଁଶରେ ତିଆରି କୁଡ଼ିଆ ସଦୃଶ ଏହି ଦୋକାନକୁ ଆସନ୍ତି ଆବଶ୍ୟକୀୟ ଜିନିଷ ନେଇ ଟଙ୍କା ବାକ୍ସରେ ଟଙ୍କା ରଖିଦେଇ ଯାଆନ୍ତି। ଏହି ଦୋକାନରେ କବାଟ ନ ଥାଏ କି ଜଗୁଆଳୀ ବି ନ ଥାଆନ୍ତି। ଦୀର୍ଘବର୍ଷ ଧରି ଏହିପରି ଚାଲିଛି ଏହି ଦୋକାନସବୁ। ନା କେବେ ଏଠି ଚୋରି ହୋଇଛି ନା କେହି ଠକି ଜିନିଷ ନେଇ ଯାଇଥିବା ଘଟଣା ଘଟିଛି। ଏସବୁ ଦେଖିଲେ ଆଶ୍ଚର୍ଯ୍ୟଲାଗେ ଆଜିକାର ଦୁନିଆରେ ଏଭଳି ସଚ୍ଚୋଟତା କୌଣସି ସ୍ଥାନରେ ରହିଛି ବୋଲି। ଦୋକାନୀ ମାଲିକମାନେ ଜଙ୍ଗଲ, ପର୍ବତ ଓ ଚାଷଜମିରୁ ଯାହା ପାଆନ୍ତି ବିକ୍ରି ପାଇଁ ଦୋକାନରେ ଦାମ୍ ଲେଖି ରଖି ଦେଇ ଯାଆନ୍ତି । ସେସବୁ ସମାଗ୍ରୀକୁ ଜଗିବା ପାଇଁ ବି କେହି ରୁହନ୍ତି ନାହିଁ। ଏଠି ସବୁଚାଲେ ବିଶ୍ୱାସ ଉପରେ। ଜିନିଷ ରଖି ଦେଇ ସେମାନେ ନିଜ ଜମିକୁ ଚାଲି ଯାଆନ୍ତି କାମ କରିବା ପାଇଁ। ଏଠାକାର କ୍ଷୁଦ୍ରଚାଷୀ ଘରର କୌଣସି ସଦସ୍ୟଙ୍କୁ ଦୋକାନରେ ଛାଡିପାରନ୍ତି ନାହିଁ। ସମସ୍ତେ ଲାଗନ୍ତି ଚାଷ କାର୍ଯ୍ୟରେ। ଦୋକାନରୁ ଯାହାବି ରୋଜଗାର ହୁଏ ସେଇଥିରୁ ସେମାନେ ଖୁସି ହୁଅନ୍ତି। ସେମାନଙ୍କର ନିଜ ଗ୍ରାହକଙ୍କ ଉପରେ ଥାଏ ପ୍ରଗାଢ଼ ବିଶ୍ୱାସ। ସେଇଥିପାଇଁ ତ ଏଠାକାର ବ୍ୟବସାୟ ଏହିଭଳି ଚାଲି ଆସିଛି।

**ଭିନ୍ନକ୍ଷମଙ୍କୁ ରୋଜଗାରକ୍ଷମ କରିଛି କେରଳର ଏହି ଦୋକାନ:** କେରଳ, କନ୍ନୁର ନିକଟସ୍ଥ ଅଝିକୋଡ଼ର ଭଙ୍କୁଲଥୁଭୟଲରେ ଅଛି ଏକ ଛୋଟିଆ ଦୋକାନ। ଦୋକାନଟି ସିନା ଛୋଟ ହେଲେ ଏବେ ଏହା ବେଶ୍ ଚର୍ଚ୍ଚିତ। କାରଣ କେରଳର ଏ ହେଉଛି ପ୍ରଥମ 'ସେଲ୍ଫ ସର୍ଭିସ' ଦୋକାନ। ଚଳିତ ବର୍ଷ ଜାନୁୟାରୀ ୧ରେ ଶୁଭାରମ୍ଭ ହୋଇଥିବା ଏହି ଦୋକାନକୁ ଚଳାଇବା ପାଇଁ କେହି ଦୋକାନୀ ନ ଥାଆନ୍ତି। ଗ୍ରାହକ ଆସି ନିଜେ ଜିନିଷ ଦେଖି ପସନ୍ଦର ସାମଗ୍ରୀ କିଣିବେ। ଆଉ ଟଙ୍କା ସେଠାରେ ଥିବା ଏକ ବାକ୍ସରେ ରଖି ଦେଇଯିବେ। ସବୁଠାରୁ ବଡ଼କଥା ହେଲା ଏଠାରେ ମିଳୁଥିବା ସମସ୍ତ ସାମଗ୍ରୀ ଭିନ୍ନକ୍ଷମ ଓ କନ୍ନୁରସ୍ଥ ଆଶ୍ରୟ ସ୍ପେଶାଲ ସ୍କୁଲର ଛାତ୍ର ତିଆରି କରିଥାଆନ୍ତି। ଦୋକାନକୁ ଚଳାଇ ଥାଏ 'ଜନଶକ୍ତି ଟ୍ରଷ୍ଟ' ନାମକ ଏକ ବେସରକାରୀ ସଂସ୍ଥା। ଉକ୍ତ ସଂସ୍ଥା ଭିନ୍ନକ୍ଷମ ଲୋକଙ୍କୁ ସାହାଯ୍ୟ କରିଥାଏ। ଏହି ସଂସ୍ଥା ଭିନ୍ନକ୍ଷମ ଲୋକଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଯେମିତିକି ସାବୁନ, ୱାଶିଂ ପାଉଡର, ଫିନାଇଲ୍, ଟଏଲେଟ୍ କ୍ଲିନର୍, ହାଣ୍ଡୱାଶ୍, କ୍ୟାଣ୍ଡେଲ, କପଡ଼ା ବ୍ୟାଗ୍ ଆଦି ଏହି ଦୋକାନରେ ବିକ୍ରି କରିବା ପାଇଁ ରଖିଥାଏ। ଦୋକାନ ଆଗରେ ଏକ ବୋର୍ଡରେ ଲେଖାଥାଏ 'ଏହି ଦୋକାନରେ ନା ଅଛନ୍ତି ଦୋକାନୀ ନା ଅଛନ୍ତି ସେଲ୍ସ ପର୍ସନ। ଆପଣଙ୍କର ଯାହା ଇଚ୍ଛା ନେଇପାରିବେ। ତେବେ ନେବା ପୂର୍ବରୁ ମୂଲ୍ୟ ଦେଖି ଟଙ୍କା ବାକ୍ସରେ ଟଙ୍କା ରଖି ଦେଇଯିବେ।' ଦୋକାନ ଆରମ୍ଭ ହେବା ପରଠାରୁ ବେଶ୍ ସୁରୁଖୁରୁରେ ଲୋକେ ନିଜେ ଆସି ଜିନିଷ ନେଇ ସଚ୍ଚୋଟତାର ସହ ଉଚିତ ମୂଲ୍ୟ ବାକ୍ସରେ ରଖି ଦେଇ ଯାଉଛନ୍ତି। ଦୋକାନକୁ ଚଳାଇବାରେ ଆଖପାଖର ପରିବା ବିକାଳୀ ସାହାଯ୍ୟ କରିଥାଆନ୍ତି। ସେମାନେ ସକାଳ ୬ଟାରେ ନିଜ



→







ବେପାର ଆରମ୍ଭ କରିବା ସହ ଏହି ଦୋକାନ ଖୋଲି ଦିଅନ୍ତି ଓ ରାତି ୧୦ଟାରେ ବନ୍ଦ ବି କରି ଦିଅନ୍ତି। ଯେମିତି କୌଣସି ଗଡ଼ବଡ଼ ନ ହେବ ଏଠାରେ ସିସି ଟିଭି କ୍ୟାମେରା ବି ଲଗାଯାଇଛି। କହିବାକୁଗଲେ ଏହି ଦୋକାନ ସଫଳଭାବେ ଚାଲିବା ପଛରେ ଏହି ଦୋକାନୀଙ୍କ ହାତ ରହିଛି। ଦିନକୁ ପ୍ରାୟ ୧୦୦୦ ଟଙ୍କାର ଜିନିଷ ଏହି ଦୋକାନରେ ବିକ୍ରି ହେଉଛି। ସେହି ଟଙ୍କା ଏହାକୁ ତିଆରି କରିଥିବା ଭିନ୍ନକ୍ଷମଙ୍କୁ ଦିଆଯାଇଥାଏ। ଜନଶକ୍ତି ସଂସ୍ଥାର ସଂସ୍ଥାପକ ସୁଗୁନନ ପିଏମ୍ କହନ୍ତି, 'ଏବେ ଆମେ କୋଝିକୋଡର ଭିନ୍ନକ୍ଷମ ଦଳ ସହ କାମ କରୁଛୁ। ତେଣୁ ସେମାନଙ୍କ କଷ୍ଟ ଓ ଜୀବନଶୈଳୀ ସମ୍ପର୍କରେ ଆମେ ବେଶ୍ ଭଲ ଭାବେ ଅବଗତ। ଆମେ ଦେଖିଛୁ ଅନେକ ଭିନ୍ନକ୍ଷମ ବିଭିନ୍ନ ସାମଗ୍ରୀ ତିଆରି କରନ୍ତି ହେଲେ ସେଗୁଡିକୁ ବିକ୍ରି କରିବା ତଥା ଗ୍ରାହକଙ୍କ ପାଖରେ ପହଞ୍ଚାଇ ପାରନ୍ତି ନାହିଁ। ଏହାକୁ ନଜରରେ ରଖି ଆମେ ଏଭଳି ଏକ ଦୋକାନ ସମ୍ପର୍କରେ ଚିନ୍ତା କରିଥିଲୁ। ଏବେ ଏହା ସଫଳତାର ସହ ଚାଲିଛି। ଦିନକୁ ଦିନ ଗ୍ରାହକଙ୍କ ସଂଖ୍ୟା ବଢୁଛି। ତେଣୁ ଆଗାମୀ ଦିନରେ ଆହୁରି କିଛି ଦୋକାନ ଖୋଲିବାର ଯୋଜନା କରୁଛୁ।'

**ବାଙ୍ଗାଲୋର୍‌ର ଏହି ଦୋକାନରେ ଚାହିଁଲେ ଟଙ୍କା ଦେବେ ନ ହେଲେ ନାହିଁ:** ଆଜିକାଲି ଯେମିତି ବିଶ୍ୱାସ ଉପରୁ ବିଶ୍ୱାସ ତୁଟିଗଲାଣି। କିନ୍ତୁ ଏବେ ବି ଯେ ବିଶ୍ୱାସ ଓ ଭରସା କିଛିଟା ଜୀବିତ ରହିଛି, ତାହା ଜଣାଇଥାଏ ବାଙ୍ଗାଲୋରର ଏକ ଦୋକାନ। ପୁରୁଣା ଏୟାରପୋର୍ଟ ରୋଡ୍‌ସ୍ଥ ଭାରତ ଗଲ୍ଫ ଭ୍ୟୁ ଆପାର୍ଟମେଣ୍ଟରେ ଅଛି ଏହି ଦୋକାନ। ଏହା ଚାଲିଛି ସମ୍ପୂର୍ଣ୍ଣଭାବେ ବିଶ୍ୱାସ ଓ ଭରସାରେ। କର୍ନାଟକ ଓ ମିଜୋରାମ୍‌ରେ ଥିବା ଦୋକାନୀବିହୀନ ଦୋକାନ ଭଳି ଏହି ଦୋକାନରେ ବି ନାହାନ୍ତି କୌଣସି ଦୋକାନୀ। ଜଗିବା ପାଇଁ ସିସିଟିଭି କ୍ୟାମେରା ବି ନାହିଁ। ଗ୍ରାହକ ଏଠାକୁ ଆସି ସେଠାରେ ଥିବା ଫ୍ରିଜ୍‌ରୁ ଜିନିଷ ନେବେ। ଆଉ ନିଜ ଇଚ୍ଛା ଅନୁସାରେ ସେଠାରେ ଥିବା ବାକ୍ସରେ ଟଙ୍କା ରଖିଦେଇ ଯାଇପାରିବେ। ଏମିତି କି ପଛରେ ସୁବିଧା ମୁତାବକ ବି ଟଙ୍କା ଦେଇପାରିବେ। ନଦେଲେ ବି ଚଳିବ। ଶୁଣି ଅବିଶ୍ୱାସ ଲାଗୁଥାଇପାରେ। ହେଲେ ଏହା ସମ୍ପୂର୍ଣ୍ଣ ବାସ୍ତବ। ଉକ୍ତ ଦୋକାନଟିର ନାମ ହେଉଛି 'ଦି ଟ୍ରଷ୍ଟ ଶପ୍'। ଏହାକୁ ସ୍ଥାପନ କରିଛନ୍ତି ପିସି ମୁସ୍ତଫା, ଯେକି ଆଇଡି ଫ୍ରେଶ୍ ଫୁଡ୍‌ର ମାଲିକ। ଏଠାରେ ଥିବା ଫ୍ରିଜ୍‌ରେ ଥାଏ କର୍ନାଟକ, ତାମିଲନାଡୁ ଓ କେରଳର ଲୋକପ୍ରିୟ ଜଳଖିଆ ଓ ମଧ୍ୟାହ୍ନଭୋଜନ। ଏଠାରେ ରୁଟି ଓ ମାଲାବାର ପରଟା ସହ ପ୍ୟାକେଟ୍‌ରେ ଇଡ୍‌ଲି-ଦୋସାର ଆଣ ବି ମିଳିଥାଏ। ଆଉ ଏଠାରେ ଖାଦ୍ୟର ନ ଥାଏ ଅଭାବ। ୨୪ ଘଣ୍ଟା ଗ୍ରାହକଙ୍କୁ ସେବା ଯୋଗାଇଥାଏ ଏହି ଦୋକାନ। ମୁସ୍ତଫା ଏହିଭଳି ଆହୁରି ୧୭ଟି ଦୋକାନ ବାଙ୍ଗାଲୋରର ବିଭିନ୍ନ ସ୍ଥାନରେ ଖୋଲିଛନ୍ତି। ସେଥିମଧ୍ୟରୁ ୧୨ଟି ଅଛି ଜନବସତି ଅଞ୍ଚଳ ତଥା ଆପାର୍ଟମେଣ୍ଟ ଓ ଅଫିସ୍ ଥିବା ସ୍ଥାନରେ। ସ୍କୁଲ, କଲେଜ ଓ ହସ୍ପିଟାଲ୍‌ରେ ଏହାକୁ ଆରମ୍ଭ କରିବାର ଯୋଜନା ରହିଛି। ମୁସ୍ତଫା କହନ୍ତି, 'ମହାରାଷ୍ଟ୍ରର କବାଟ ନ ଥିବା ଗାଁରୁ ମୁଁ ଏଭଳି ଏକ ଦୋକାନ କରିବାକୁ ଯୋଜନା କରିଥିଲି, ଯାହାକି ସମ୍ପୂର୍ଣ୍ଣ ବିଶ୍ୱାସ ଆଧାରରେ ଚାଲିବ। ଏହା ଲୋକଙ୍କ ଭିତରେ କମିଯାଉଥିବା ଭରସା ବଢ଼ାଉଛି ବୋଲି ମୋର ଆଶା। ତେଣୁ କେହି ଟଙ୍କା ପଇଠ ନ କରି ଜିନିଷ ନେଇଗଲେ ବି ମୋତେ ଫରକ ପଡ଼େନି, ଯଦିଓ ପ୍ରାୟ ୯୦ ପ୍ରତିଶତ ଲୋକ ଟଙ୍କା ବାକ୍ସରେ ରଖି ଜିନିଷ ନେଉଛନ୍ତି। ବେଳେବେଳେ ତ ଏହା ଶତପ୍ରତିଶତ ବି ହୋଇଯାଉଛି। ୨୪ ଘଣ୍ଟା ଖାଦ୍ୟ ମହଜୁଦ ରହୁଥିବାରୁ ଲୋକଙ୍କର ଖାଦ୍ୟ ସମସ୍ୟା ରହୁନି। ଖାସ୍‌କରି କର୍ମଜୀବୀ ଦମ୍ପତିଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହୋଇପାରୁଛି। ବେଶ୍ ସଫଳତାର ସହ ବିଶ୍ୱାସ ଓ ଭରସାକୁ ଆଧାରକରି ଏହି ଦୋକାନ ବାଙ୍ଗାଲୋରରେ ଚାଲୁଛି। ତେଣୁ ମାଡ୍ରାସ, ମୁମ୍ବାଇ ଓ ହାଇଦ୍ରାବାଦରେ ବି ଏଭଳି ଦୋକାନ ଖୋଲିବାର ଯୋଜନା ରଖିଛି।'

**ଦି ଅନେଷ୍ଟି ଶପ୍ :** ଖାଲି ଆମ ଦେଶରେ ନୁହେଁ, ଏଭଳି ଦୋକାନ ବିଦେଶରେ ବି ରହିଛି। ଲଣ୍ଡନର ଟାୱାର ଅଫ୍ ଲଣ୍ଡନ ନିକଟରେ ଏକ ୫୦ ବର୍ଷର ପୁରୁଣା ଡବଲ୍ ଡେକର୍ ବସ୍ ଠିଆ ହୋଇଥାଏ। ତେବେ ଏହା ଏକ ସାଧାରଣ ବସ୍ ନୁହେଁ ବରଂ ଏକ ଦୋକାନ। ଡେଭିଡ୍ ୱାଟର ହାଉସ୍ ଏହାକୁ ସ୍ଥାପନ କରିଛନ୍ତି। ଏଠି ବିକ୍ରି ହୁଏ ବ୍ରିଟିଶ୍‌ମାନଙ୍କ ଦ୍ୱାରା ତିଆରି ଅନେକ ସୋଭେନିୟର୍ ବା ସ୍ମାରକ, ଋତୁକାଳୀନ ସାମଗ୍ରୀ, ବୁଣାବସ୍ତ୍ର, ଖେଳଣା, ବଗିଚା ଉପକରଣ ଓ ରୋଷେଇ ଉପକରଣ। ଏଠାରେ ମଧ୍ୟ ନାହାନ୍ତି କେହି କର୍ମଚାରୀ କି ଦୋକାନୀ। ସବୁ ଜିନିଷର ମୂଲ୍ୟ ଲେଖାଥାଏ। ଆଉ ସେସବୁର ମୂଲ୍ୟ ୨୦ ପାଉଣ୍ଡ ତଳକୁ ଥାଏ। ଲୋକେ ଏହା ମଧ୍ୟକୁ ଆସି ଜିନିଷ ପସନ୍ଦ କରି ସେଠାରେ ଥିବା ଏକ ଲେଟର ବକ୍ସ ମଧ୍ୟରେ ଅନେଷ୍ଟି ଏନ୍‌ଭଲପ୍ ଭିତରେ ଟଙ୍କା ରଖି ତା' ମଧ୍ୟକୁ ପୂରାଇ ଦିଅନ୍ତି, ଯଦିଓ ଏଠାରେ ଜଣେ ବସ୍ କଣ୍ଡକ୍ଟର ଅଛନ୍ତି। ହେଲେ ସେ ଉପର ମହଲାରେ ରହନ୍ତି। ଆଉ ଦୋକାନର ସୋସିଆଲ ମିଡିଆ କ୍ୟାମ୍ପେନ୍ କଥା ବୁଝନ୍ତି। ୨୦୧୨ରୁ ଆରମ୍ଭ ହୋଇଥିଲା ଏହି ଦୋକାନ। ଆଜିପର୍ଯ୍ୟନ୍ତ ଏହା ସୁରୁଖୁରୁରେ ଚାଲିଛି। ହେଲେ ପ୍ରଥମେ ଯେବେ ଡେଭିଡ୍ ଏହାକୁ ଆରମ୍ଭ କଲେ ସମସ୍ତେ ତାଙ୍କୁ ପାଗଳ କହିଥିଲେ। ଏହାକୁ ଆରମ୍ଭ କରିବା ପୂର୍ବରୁ ସେ ପରୀକ୍ଷାମୂଳକ ଭାବେ ନିଜ ଗାଁ ସ୍ୱିଜରଲାଣ୍ଡର ଗିମେଲୱାର୍ଲ୍ଡରେ ଏକ ଛୋଟ ଦୋକାନୀବିହୀନ ଦୋକାନ ଖୋଲିଥିଲେ। ସେଠାରେ ସେ ନିକଟସ୍ଥ ଫାର୍ମରେ ମିଳୁଥିବା ପନିପରିବା, ଅଣ୍ଡା ଆଦି ଜିନିଷ ବିକ୍ରି କରିଥିଲେ। ଆଉ ତାହା ସଫଳ ହୋଇଥିଲା। ପରେ ସେ ଏହାକୁ ଲଣ୍ଡନରେ ଆରମ୍ଭ କରିବାକୁ ଯୋଜନା କଲେ। ପ୍ରଥମେ ଲୋକେ ଏହାକୁ ପ୍ରଶଂସା କରିଥିଲେ, ହେଲେ କହୁଥିଲେ ତାହା ସ୍ୱିଜରଲାଣ୍ଡରେ ସଫଳ ହୋଇପାରେ ହେଲେ ଲଣ୍ଡନରେ ନୁହେଁ। କିନ୍ତୁ ତାହା ଭୁଲ୍ ପ୍ରମାଣିତ ହେଲା। ଭଲ ବିକ୍ରି ହେବା ସହ ସେ ଦେଖିଲେ ଯେ ସକାଳେ ରଖିଥିବା ଜିନିଷ ମଧ୍ୟରୁ କେଉଁଟି ବି ଚୋରି ହୁଏ ନାହିଁ। ବର୍ତ୍ତମାନ ଏଥିରୁ ହେଉଥିବା ଆୟରୁ କିଛି ଚ୍ୟାରିଟିରେ ପ୍ରଦାନ କରାଯାଉଛି।

ଆଜିକାର ସମାଜରେ ଯେଉଁଠି ଲୋକଙ୍କର ବିଶ୍ୱାସ ଉପରୁ ବିଶ୍ୱାସ ତୁଟିବାକୁ ବସିଛି, ସେଠି ଏଭଳି ଦୋକାନ ମନରେ ପୁଣିଥରେ ମାନବିକତା, ଭରସା ଓ ବିଶ୍ୱାସ ଉପରେ ବିଶ୍ୱାସ ସୃଷ୍ଟି କରୁଛି।

**-ଶିବାନୀ**











# ଶିକ୍ଷକରୁ ଲେଖକ




ଆର.କେ.ନାରାୟଣଙ୍କର ସମ୍ପୂର୍ଣ୍ଣ ନାମ ରସିପୁରମ୍ କ୍ରିଷ୍ଣାସ୍ୱାମୀ ଆୟାର ନାରାୟଣସ୍ୱାମୀ। ମାଲଗୁଡ଼ି ହେଉଛି ନାରାୟଣଙ୍କ ଦ୍ୱାରା ପ୍ରସ୍ତୁତ ଏକ କାଳ୍ପନିକ ସହର। ଏହି ସହରରେ ନାରାୟଣଙ୍କ ସାହିତ୍ୟ ଜଗତର ସମସ୍ତ ଚରିତ୍ରଙ୍କ ଆତଯାତ ହୋଇଥାଏ। ନାରାୟଣ ତାଙ୍କ ରଚନାଗୁଡ଼ିକରେ ମାଲଗୁଡ଼ିକୁ ଏମିତି ରୂପ ଦେଇଛନ୍ତି ଯେ, ମାଲଗୁଡ଼ି କହିଲେ ଆଉ କେହି ଏକ କାଳ୍ପନିକ ସହର ବୋଲି ନ ବୁଝି; ସତସତିକା ସହରର ଜ୍ଞାନ କରିଥାନ୍ତି...






ମାଲଗୁଡ଼ିର ମଣିଷ କହିଲେ ଜଣଙ୍କୁ ବୁଝାଏ। ସେ ହେଉଛନ୍ତି ଭାରତୀୟ ଇଂଲିଶ ଲେଖକ ଆର.କେ.ନାରାୟଣ। ତାଙ୍କର ସମ୍ପୂର୍ଣ୍ଣ ନାମ ରସିପୁରମ୍ କ୍ରିଷ୍ଣାସ୍ୱାମୀ ଆୟାର ନାରାୟଣସ୍ୱାମୀ। ମାଲଗୁଡ଼ି ହେଉଛି ନାରାୟଣଙ୍କ ଦ୍ୱାରା ପ୍ରସ୍ତୁତ ଏକ କାଳ୍ପନିକ ସହର। ଏହି ସହରରେ ନାରାୟଣଙ୍କ ସାହିତ୍ୟ ଜଗତର ସମସ୍ତ ଚରିତ୍ରଙ୍କ ଆତଯାତ ହୋଇଥାଏ। ନାରାୟଣ ତାଙ୍କ ରଚନାଗୁଡ଼ିକରେ ମାଲଗୁଡ଼ିକୁ ଏମିତି ରୂପ ଦେଇଛନ୍ତି ଯେ, ମାଲଗୁଡ଼ି କହିଲେ ଆଉ କେହି ଏକ କାଳ୍ପନିକ ସହର ବୋଲି ନ ବୁଝି; ସତସତିକା ସହରର ଜ୍ଞାନ କରିଥାନ୍ତି। ସେ ଯାହା ବି ହେଉ ଭାରତରେ ପ୍ରାଥମିକ ଭାବରେ ଇଂଲିଶ ଭାଷାରେ ସାହିତ୍ୟ ସୃଷ୍ଟିକରି ଯେଉଁ କେତେଜଣ ବିଶିଷ୍ଟ ସାରସ୍ୱତ ସାଧକ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିଲାଭ କରିଥିଲେ ସେମାନଙ୍କ ମଧ୍ୟରେ ଜଣେ ଥିଲେ ଆର.କେ.ନାରାୟଣ। ତାଙ୍କୁ ରାଜା ରାଓ ତଥା ମୁଲ୍କ ରାଜ ଆନନ୍ଦଙ୍କ ସମୟର ଜଣେ ପ୍ରତିଭାଶାଳୀ ଲେଖକ ଭାବରେ ବିବେଚନା କରାଯାଏ।

**ଗ୍ରାହମ୍ ଗ୍ରୀନ :** ନାରାୟଣଙ୍କର ଘନିଷ୍ଠ ବନ୍ଧୁ ତଥା ମେଣ୍ଟର ଥିଲେ ପ୍ରସିଦ୍ଧ ବ୍ରିଟିଶ୍ ଲେଖକ ଗ୍ରାହମ୍ ଗ୍ରୀନ୍। କୁହାଯାଏ ଗ୍ରାହମ ଗ୍ରୀନ୍‌ଙ୍କ ଅଦମ୍ୟ ପ୍ରଚେଷ୍ଟା ହିଁ ନାରାୟଣଙ୍କୁ ଜଣେ ବିଶ୍ୱବିଖ୍ୟାତ ଲେଖକର ମାନ୍ୟତା ଦେଇଥିଲା। ନାରାୟଣଙ୍କ ବହି ପାଇଁ ପ୍ରକାଶକ ଯୋଗାଡ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଗ୍ରୀନ୍। 'ସ୍ୱାମୀ ଆଣ୍ଡ ଫ୍ରେଣ୍ଡସ୍', 'ଦ ବ୍ୟାଚଲର୍ ଅଫ୍ ଆର୍ଟସ୍' ଏବଂ 'ଦ ଇଂଲିଶ୍ ଟିଚର' ଭଳି ପୁସ୍ତକଗୁଡ଼ିକ ହିଁ ଗ୍ରୀନ୍‌ଙ୍କ ପାଇଁ ବିଶ୍ୱ ସାହିତ୍ୟ ବଜାରରେ ଉପଲବ୍ଧ ହୋଇଥିଲା। 'ସ୍ୱାମୀ ଆଣ୍ଡ ଫ୍ରେଣ୍ଡସ୍' ଉପନ୍ୟାସରେ ନାରାୟଣ ପ୍ରଥମଥର କରି ତାଙ୍କର କାଳ୍ପନିକ ସହର ମାଲଗୁଡ଼ି ସୃଷ୍ଟି କରିଥିଲେ। ନାରାୟଣଙ୍କ ରଚିତ ଅନ୍ୟତମ ଲୋକପ୍ରିୟ ଉପନ୍ୟାସ 'ଦ ଗାଇଡ୍'କୁ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା।

**ପ୍ରାଥମିକ ଜୀବନ :** ୧୯୦୬ ମସିହା ଅକ୍ଟୋବର ୧୦ ତାରିଖରେ ମାଡ୍ରାସ୍ (ବର୍ତ୍ତମାନର ଚେନ୍ନାଇ)ରେ ଜନ୍ମ ହୋଇଥିଲେ ନାରାୟଣ। ତାଙ୍କୁ ମିଶେଇ ତାଙ୍କ ବାପାମା'ଙ୍କର ଥିଲେ ଆଠ ସନ୍ତାନ। ନାରାୟଣ ଥିଲେ ତାଙ୍କ ପରିବାରର ଷଷ୍ଠ ସନ୍ତାନ। ତାଙ୍କ ବଡ଼ ଭାଇ ରାମଚନ୍ଦ୍ରନ ଥିଲେ ଜେମିନି ଷ୍ଟୁଡିଓର ମୁଖ୍ୟ ଏଡିଟର। ସାନଭାଇ ଲକ୍ଷ୍ମଣ ଜଣେ ପ୍ରସିଦ୍ଧ ବ୍ୟଙ୍ଗକାର। ତାଙ୍କ ବାପା ଥିଲେ ଏକ ସ୍କୁଲ ହେଡମାଷ୍ଟର। ବାପାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାରାୟଣଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା। ବାପା ହିଁ ତାଙ୍କୁ କାହାଣୀ ପ୍ରତି ଆକୃଷ୍ଟ କରିଥିଲେ। ନାନାଦି ଲୋକକଥା, କିମ୍ବଦନ୍ତୀ, ପୁରାଣ କାହାଣୀ ତଥା ଐତିହାସିକ ଘଟଣାବଳୀ ଶୁଣାଇଥିଲେ ଯାହା ପରବର୍ତ୍ତୀ ଅବସ୍ଥାରେ ନାରାୟଣଙ୍କ ସାହିତ୍ୟ ସର୍ଜନାରେ ସହାୟକ ହୋଇଥିଲା। ତେବେ କିଛିଦିନ ପରେ ଅବସ୍ଥା ବଦଳିଗଲା। ତାଙ୍କ ବାପାଙ୍କର ନିୟମିତ ଭାବରେ ବଦଳି ହେବାକୁ ଲାଗିଲା। ଫଳରେ ନାରାୟଣ ନିଜର ଆଈଘରେ ରହି ପାଠ ପଢ଼ିଲେ।

**ଲେଖାଲେଖି :** ସ୍ନାତକ ଶେଷ କରିବା ପରେ ନାରାୟଣ ଜଣେ ମାଷ୍ଟର ଭାବରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। କିଛିଦିନ ଚାକିରି କରିବା ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ଚାକିରି କରିବା ତାଙ୍କର ଭବିଷ୍ୟତ ନୁହେଁ। ସେ ଲେଖିବା ପାଇଁ ହିଁ ଜନ୍ମ ହୋଇଛନ୍ତି। ବାସ୍, ସେ ତତ୍‌କ୍ଷଣାତ୍ ଚାକିରି ଛାଡ଼ିଦେଲେ ଓ ନିୟମିତ ଲେଖିବାରେ ମନୋନିବେଶ କଲେ। ପ୍ରଥମେ ସେ ଇଂଲିଶ ଖବରକାଗଜ ପାଇଁ ଷ୍ଟୋରି ଲେଖୁଥିଲେ। ପରେପରେ ଆରମ୍ଭ ହେଲା ତାଙ୍କ ଫିକ୍ସନ୍ (ଗଳ୍ପ ଉପନ୍ୟାସ) ରଚନା। ତାଙ୍କର ପ୍ରଥମ ଉପନ୍ୟାସ ଥିଲା 'ସ୍ୱାମୀ ଆଣ୍ଡ ଫ୍ରେଣ୍ଡସ୍'। ଅବଶ୍ୟ ପ୍ରାଥମିକ ପର୍ଯ୍ୟାୟରେ ନାରାୟଣଙ୍କୁ ପ୍ରକାଶକ ଖୋଜି ପାଇବା କଷ୍ଟକର ହୋଇପଡିଥିଲା। ମାତ୍ର କିଛିଦିନ ପରେ ସେ ସମସ୍ୟା ସୁଧୁରି ଯାଇଥିଲା। ଆଉ ତା'ପରେ ପଛକୁ ଚାହିଁ ନ ଥିଲେ ନାରାୟଣ।

**ସ୍ୱାତନ୍ତ୍ର୍ୟ :** ନାରାୟଣ ଯେଉଁ ସମୟରେ ଲେଖିବା ଆରମ୍ଭ କରିଥିଲେ ତାହାଥିଲା ଭାରତୀୟ ଇଂଲିଶ ସାହିତ୍ୟର ଏକ ପୁନର୍ଜାଗରଣର ସମୟ। ସେହି ସମୟରେ ସମାଜ, ମାନସିକତାକୁ ନେଇ ଏକ ଜଟିଳ ବିତର୍କ ଲାଗି ରହିଥିଲା ଲେଖକମାନଙ୍କ ମଧ୍ୟରେ। ତେବେ ନାରାୟଣ ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ହେବାର ମନୋଭାବ ନେଇ ଲେଖିବା ଆରମ୍ଭ କରିଥିଲେ। ସେ ଲେଖାରେ ହ୍ୟୁମର ବା ଚଟୁଳତାର ପ୍ରୟୋଗକଲେ। ସେତିକିନୁହେଁ ସେ ବୌଦ୍ଧିକତାରୁ ନିଜକୁ ମୁକ୍ତ କରି ସାଧାରଣ ଲୋକଙ୍କ କଥା ଲେଖିବାକୁ ଲାଗିଲେ। ତାଙ୍କ ଲେଖାରୁ ଲୋକମାନେ ନିଜକୁ ଖୋଜିପାଇଲେ। ଫଳରେ ତାଙ୍କ ଲେଖାର ଲୋକପ୍ରିୟତା ବୃଦ୍ଧି ପାଇଥିଲା।



# ବାଲିଘର

– ଲିଜାଲିନ୍ ବିଶ୍ୱାଳ

ଯେତେଥର ବାଲିଘର ଗଢ଼ିଲି
ସେତେଥର ଲହଡି ଧୋଇନେଲା
ତା’ ଈର୍ଷୁକପଣରେ ।

ସେ କ୍ଲାନ୍ତ ହୋଇ ପଡେନି କେମିତି
ଶହଶହ ବାଲିଘର ଧୋଇ
ତା’ ପାଦ ଧଇଁସଇଁ ହୋଇ ପଡ଼େନି କେମିତି
ସ୍ୱପ୍ନମାନଙ୍କୁ ଦଳିଦଳି
ନିକଟରେ ଅନେକଥର ପାଇଛି ତାକୁ
ହେଲେ, ଏତକ କହିବାକୁ ସାହସ ଜୁଟିନି ।

ମୋ ମନସାରା ଏବେ କ୍ଷତର ଜୁଆର
ଯାହାକୁ ଭୁଲିବା ଏତେ ସହଜ ନୁହେଁ
ଭାଙ୍ଗି ପଡ଼ିଥିବା ଜୀବନରେ
ବିଶ୍ୱାସର ବତା ବାଉଁଶ ଭିଡ଼ି
ମୁଁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବି
ମୋ ମୌନତାର ନିହାଣ ମୁନରେ
ତା’ ପଥର ଦେହ ଯେବେଯାଏ
ଈଶ୍ୱର ହେଇନି ।

*– ଭିରଙ୍ଗ, ତୀରଣ, ଜଗତ୍‌ସିଂହପୁର*

# ଫେରିଛି ସେ ଅବୁଝା ଜହ୍ନ

– ରାଜେଶ ପୂଜାରୀ

ଆଜି ମହମହ ବାସୁଛି ଗାଁ ସାରା
ଅଦିନେ ସପ୍ତରଙ୍ଗରେ ରଙ୍ଗିନ ଆକାଶ
ହଳଦୀ ହଳଦୀ ଗାଁ ନଈତୁଠ
ଫିକ୍ ଫିକ୍ ଉଡ଼ୁଛନ୍ତି
ଗୋଟେ ଦିଇଟା ନୀଳକଙ୍କି
କି’ ବିହ୍ୱଳ ଆୟୁଷ୍ମାନ
ସର୍ବତ୍ର ବିରାଜମାନ ପୁଲକ ନୂତନ
ସତେ ଅବା ଗୋଟେ ସୁନାସ୍ୱପ୍ନ ।

ଚାରି ବର୍ଷ ପରେ କେହି ଜଣେ
ଦେଖୁଛି ଆଇନାରେ ମୁହଁ ବାରମ୍ବାର
ଠିକ୍ ଆଗପରି
ଯାହା ହୋଇ ସାରିଥିଲା ଖୁବ୍ ଅଚିହ୍ନା
ଲାଗୁଛି ଚିହ୍ନା ଚିହ୍ନା ।

ଇଚ୍ଛା ହେଉଛି ଅଳନ୍ଧୁ ସବୁ ଝାଡ଼ିବାକୁ
ମନ କାନ୍ଥରୁ,
ସ୍ମୃତି ସବୁ ଅବୋଲକରା ହୋଇ
ଉଛୁଳି ପଡୁଛନ୍ତି ସିନ୍ଧୁକରୁ ।

ଟୁପୁରୁ ଟାପୁର ହେଉଛନ୍ତି
ଗୋପୀ ଦଳ ଦଳ
ବନ୍ଧ୍ୟା ଖେତ ପୁଣି
ବୁଣିବାରେ ମସଗୁଲ୍
ଆଶାର ସମ୍ଭାବ୍ୟ ଫସଲ ।

କାହିଁକି ନା
ମଉଳା ଡାଳ କଅଁଳି ଉଠିଲା ପରି
ଆସିଛି ଫେରି
ସେ ଅବୁଝା ଜହ୍ନ
ଗଣି ଗଣି ଲିଭି ଲିଭି ଆସୁଥିବା ପାଦ ଚିହ୍ନ ।

*– କୁଶମେଲ, ଝାରସୁଗୁଡ଼ା*

# ପ୍ରେମ

– ମୀନାକୁମାରୀ ମହାପାତ୍ର

ପ୍ରେମ ନୁହେଁ ପ୍ରତାରଣା
ପ୍ରେମ ନୁହେଁ ପ୍ରବଞ୍ଚନା
ପ୍ରେମ ନୁହେଁ କୁତ୍ସିତ
ପ୍ରେମ ନୁହେଁ ପାର୍ଥୀବ
ପ୍ରେମରେ ନାହିଁ
କାମନା ବାସନା
ସମସ୍ତଙ୍କୁ କର ପ୍ରେମ
ପ୍ରେମ ତ ସ୍ୱର୍ଗୀୟ ପବିତ୍ର ।।

*– ମହତାବ ରୋଡ଼, ପୁରୁଣା ଭୁବନେଶ୍ୱର*

# ଓ ମାଝିରେ

– ମନୋଜ କୁମାର ପୃଷ୍ଟି

ଭୋଦୁଅ ରାତି । ଭାଗି ଚାହିଁଲା ଉପରକୁ । ରାତି ପାହିବା ପ୍ରାୟ । ଆଉ ଶୋଇବ କ’ଣ !

ଦାଣ୍ଡଘର କାନ୍ଥରେ ଝୁଲୁଥିଲା ଅଧାବୁଣା ଜାଲ । କେଇ ଥାକ ବୁଣିବା ଆଶାରେ ଲଣ୍ଠନ ତେଜିଲା । କିନ୍ତୁ ଏ କ’ଣ ! ଯେତେ ତେଜିଲେ ବି ଝିମେଇ ଜଳୁଛି । ବୋଧହୁଏ ତେଲ ସରିଲାଣି ।

ଥାଉ । ଝିଅ ଉଠିବ । ପଚାରିବ– ବା, ଶୋଇନୁ ?

ଆହା, ମା’ ଛେଉଣ୍ଡ ପିଲାଟା । କେତେ ଆଶା କରିଛି । କହୁଥିଲା– ବା, ଏଥର ସହର ଯିବି । ଚାକିରି କରିବି । ପଇସା ଆଣିବି । ତୋ ଦୁଃଖ ଯିବ ।

ଓ ମାଝିରେ... ... ...

ଭାଗି ଚମକି ପଡ଼ିଲା ।

କିଏ ? କାନ ପାରିଲା ।

ପୁଣି ସେଇ ଡାକ । ଓ ମାଝିରେ... ... ...

ଡାକୁଥାଉ । ଦି’ ଦି’ଥର ଯାଇ ଫେରିଲିଣି । କାହାର ଦେଖା ନାହିଁ ।

ନା ! ଭାଗି କେବେ ଠକିନି ! ତାକୁ ଯିବାକୁ ହବ ।

ଘର ଭିତରେ ବିଜୁଳି ଖଣ୍ଡେ ଚକର କାଟି ଚାଲିଗଲା । ଭାଗି ଶଙ୍କିଗଲା । ଆଉ ଅପେକ୍ଷା ନ କରି ପବନ ବେଗରେ ଧାଇଁଲା ।

ଆଗରେ ଭରା ନଈ । ଅଭିମାନ କରି ଶୋଇଥିଲା ଯେମିତି । ପାଖରେ ବୁଢ଼ା ଡଙ୍ଗା ।

ଭାଗି ଚଳାଏ ପାଣି ଫିଙ୍ଗିଦେଲା ତା’ ଉପରକୁ ଏବଂ ନଙ୍ଗର ଉଠାଇ ଖୁବ୍ ଜୋରରେ ବାହିଲା ଡଙ୍ଗା ।

ସେପାରିରେ ଅପେକ୍ଷା କରିଛି କିଏ ?

ଭାଗି ଡାକ ପକାଇଲା– ଭାଇ ଆସ । ବସ । ଭୟ କରିବନି । କମ୍ ଲୋକରେ ଡଙ୍ଗାଟା ଏମିତି ଦୋହଲେ ।

କିନ୍ତୁ ଆଶ୍ଚର୍ଯ୍ୟ ! ଭାଗିର କଥା ଶୁଣିବାକୁ କେହି ନ ଥିଲେ ସେପାରିରେ । କେବଳ କେଇଟି କୁକୁର, କାଉ ଓ ବଗକୁ ଛାଡିଦେଲେ ।

ଭାଗି ପୁଣି ଡାକିଲା ଏବଂ ଚିତ୍କାର କଲା– ଆରେ ଭାଇ, କିଏ ଅଛ । ଆସ । ବସ । ନଦେଲ ନାହିଁ । ଭାଗି କିଛି ମାଗୁନି । ଝିଅଟା ହାତକୁ ଦି’ହାତ ହେଲେ ସରିଲା ।

ଭାଗି କହି ଚାଲିଥିଲା ଏମିତି ଗୋଟେ ପରେ ଗୋଟେ କୋହକୁ ଶବ୍ଦାନୁରୂପ କରି ।

କିନ୍ତୁ କେହି ନ ଥିଲେ ଶୁଣିବା ପାଇଁ ।


ପାଖ ବ୍ରିଜ ଉପରେ ଯାଉଥିବା ଅଟୋବାଲା ଲୋକଙ୍କୁ ଖାଲି ବୁଝାଉଥିଲା– ବ୍ରିଜଟା ହେବା ଦିନୁ ଭାଗିର ମୁଣ୍ଡ ଆଉ କାମ କରୁନି । ଆଖି ଆଗରେ ଘାଟଟା ତା’ର ମରିଗଲା ଏବଂ ଗୋଟାଏ ଅମଡା ତୁଠରେ ପାଲଟି ମଲା ପଶୁ ଓ ଶୁଦ୍ଧିକ୍ରିୟା ହାଣ୍ଡି ଆଟିକାରେ ପୋତି ହୋଇଗଲାଣି । ବିଚରା ସହି ପାରୁନି । ଏମିତି ପାଗଳଙ୍କ ପରି ଖାଲି ଡଙ୍ଗା ବାହୁଛି ଏପାରିରୁ ସେପାରି । ଆହାଃ...

ଭାଗି ଫେରିଲା ଘରକୁ ।

ଘରେ କିନ୍ତୁ ଅପେକ୍ଷା କରି ବସିଥିଲା ଝିଅ ବୁଢ଼ା ବାପକୁ ।

*– ସମବାୟ ଭବନ, ଦ୍ୱିତୀୟ ମହଲା, ଭୁବନେଶ୍ୱର*




କରୀନା

# ସରପ୍ରାଇଜ ଏଣ୍ଟ୍ରି

ନିର୍ମାଣାଧୀନ 'ଦବଙ୍ଗ-୩'କୁ ନେଇ ଚର୍ଚ୍ଚା। ଏଥିରେ ସଂଯୋଜିତ ଏକ ସ୍ପେଶାଲ ସଙ୍ଗ୍ ଏଭଳି ଚର୍ଚ୍ଚାକୁ ଆଗକୁ ବଢ଼ାଇବାରେ ବେଶ୍ ଖୋରାକ ଯୋଗାଇଛି। ସେଥିରେ ଏମିତି କ'ଣ ଅଛି ଯେ ତାକୁ ନେଇ ଏତେ ଆଲୋଚନା ହେଉଛି ? ଅସଲ କଥା ହେଲା ସଲମାନଙ୍କ ଅଭିନୀତ ତଥା ହୋମ୍ ବ୍ୟାନରରେ ନିର୍ମିତ ଏହି ଫିଲ୍ମର କାଷ୍ଟିଂରେ କରୀନା ସରପ୍ରାଇଜ ଏଣ୍ଟ୍ରି କରିଛନ୍ତି। ଏକ ସ୍ପେଶାଲ ଗୀତରେ କିଏ ନାଚିବ ସେ ନେଇ ଉଭୟ ସଲମାନ ଏବଂ ତାଙ୍କ ଭାଇ ଅରବାଜ ବେଶ୍ ବିଚାରବିମର୍ଶ କରିଥିଲେ। କାରଣ ଏହି ଆଇଟମ ଗୀତର କମ୍ପୋଜିଂ 'ମୁନ୍ନି ବଦନାମ ହୁଇ ଡାର୍ଲିଂ ତେରେ ଲିୟେ' ପରି ହୋଇଛି। ତେଣୁ ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଜଣେ ଭଲ ନାୟିକା ଖୋଜୁଥିଲେ ସଲମାନ। ହେଲେ ଠିକ୍ ବେଳକୁ କରୀନାଙ୍କ ନାମ ତାଙ୍କ ମନକୁ ଆସିଥିଲା। ବାସ୍, ତା'ପରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ମଧ୍ୟ ଅଫରଟିକୁ ଏଡ଼ାଇଦେଇ ନ ଥିଲେ। ତେବେ କରୀନାଙ୍କ ଡ୍ୟାନ୍ସ ଏହି ଗୀତକୁ କେତେ ମାଇଲେଜ ଦେଉଛି ତାହା ପରଦା ଉପରକୁ ଆସିଲେ ହିଁ ଜଣାପଡ଼ିବ।


ରଣବୀର-ଆଲିୟା

# ଅନୁମାନ ସତ ହେଲା

ରଣବୀର ସିଂ ଯାହା ପୂର୍ବାନୁମାନ କରିଥିଲେ ତାହା ସତ ହୋଇଛି। ଫିଲ୍ମର କାହାଣୀ ବିଷୟରେ ଯେତେବେଳେ ଜାଣିଲେ ସେତେବେଳେ ସେ କହିଥିଲେ ଯେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଏହି ଫିଲ୍ମଟି ନିଶ୍ଚୟ ପ୍ରଶଂସିତ ହେବ। ଶେଷରେ ତାହା ସତ ହେଲା। ତାଙ୍କ ଅଭିନୀତ 'ଗଲି ବୟ' ନିକଟରେ ବର୍ଲିନ ଚଳଚ୍ଚିତ୍ର ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସିତ ହୋଇଛି। ଏପରି ସଫଳତା ପରେ ରଣବୀରଙ୍କୁ ଏହି ଫିଲ୍ମର ନିର୍ଦ୍ଦେଶକ ଜୋୟା ଅଖତର ଏବଂ ନାୟିକା ଆଲିୟା ଭଟ୍ଟ ପ୍ରଶଂସାରେ ପୋତି ପକାଇଛନ୍ତି। ଏହାର ପ୍ରଯୋଜକ ରିତେଶ ସିଧ୍ୱାନି ମଧ୍ୟ ବେଶ୍ ଖୁସ୍ । ଶୁଣିବାକୁ ମିଳୁଛି ଯେ ରଣବୀର ସିଂ ଏବଂ ଆଲିୟାଙ୍କୁ ନେଇ ସେ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମା ନିର୍ମାଣ କରିବାକୁ ଯୋଜନା କରୁଛନ୍ତି।


ସୁଶାନ୍ତ-ସଞ୍ଜନା

# ମିଳିଗଲା ଟାଇଟଲ

ସୁଶାନ୍ତ ସିଂ ରାଜପୁତଙ୍କର ଏବେ ବେଳ ଭଲ ପଡ଼ିଛି। ଦେଖୁନାହାନ୍ତି, ଚଳିତବର୍ଷ ତାଙ୍କର ଦୁଇଟି ସିନେମା ରିଲିଜ ଅପେକ୍ଷାରେ ରହିଛି। ପୁଣି ୩-୪ଟି ଅଫର ବିଷୟରେ କଥାବାର୍ତ୍ତା ଚାଲିଛି। ନିକଟରେ ସେ ଏକ ଫିଲ୍ମ ସାଇନ କରିଛନ୍ତି, ଯାହାର ଟାଇଟଲକୁ ନେଇ ଟେନ୍‌ସନରେ ଥିଲେ ସୁଶାନ୍ତ। ପ୍ରଥମେ ଏହାର ଟାଇଟଲ ରହିଥିଲା 'କିଜି ଔର ମୈନି'। ହେଲେ ଏହାକୁ ବଦଳାଇବାକୁ ପରାମର୍ଶ ଦେଇଥିଲେ ସୁଶାନ୍ତ। ଶେଷରେ ତାଙ୍କର କଥା ରହିଛି। ପ୍ରଯୋଜକ ନିକଟରେ ଏହି ଟାଇଟଲକୁ ବଦଳାଇ ଦେଇଛନ୍ତି। ନୂଆ ଟାଇଟଲଟି ହେଲା 'ଦିଲ୍ ବେଚାରା'। ଉକ୍ତ ଚଳଚ୍ଚିତ୍ର ହଲିଉଡ୍ ଫିଲ୍ମ 'ଦ ଫଲ୍ଟ ଇନ୍ ଆୱାର ଷ୍ଟାର୍ସ'ର ହିନ୍ଦୀ ରିମେକ୍। ଏହି ଫିଲ୍ମରେ ସୁଶାନ୍ତଙ୍କ ଅପୋଜିଟ୍‌ରେ ଅଛନ୍ତି ଜଣେ ନବାଗତା। ସେ ହେଲେ ସଞ୍ଜନା ସାନ୍‌ଘି। ଏ ସମ୍ପର୍କରେ ସୁଶାନ୍ତ କହନ୍ତି, ଏହି ଫିଲ୍ମର କାହାଣୀ ଭିନ୍ନ ଧରଣର। ପ୍ରେମରେ କେତେ ପ୍ରକାର ଟ୍ୱିଷ୍ଟ ଦେଖାଯାଏ ତାହାକୁ ଆଧାରକରି କାହାଣୀ ରଚନା କରାଯାଇଛି। ଅନ୍ୟପକ୍ଷରେ ନବାଗତା ସଞ୍ଜନା ଏହି ଫିଲ୍ମରୁ ନିଜ ବଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ସୁଶାନ୍ତଙ୍କ ସହ ତାଙ୍କ ଯୋଡ଼ିକୁ ଦର୍ଶକେ ଗ୍ରହଣ କରିବେ ବୋଲି ସଞ୍ଜନା ଆଶା ରଖିଛନ୍ତି। 'ଦିଲ୍ ବେଚାରା'ର ନିର୍ଦ୍ଦେଶନା ଦେଉଛନ୍ତି ମୁକେଶ ଛାବ୍ରା। ସେ ମଧ୍ୟ ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ଚଳିତବର୍ଷ ସୁଶାନ୍ତଙ୍କ ଅଭିନୀତ 'ସୋନ୍‌ଚିଡ଼ିୟା' ଏବଂ 'ଛିଛୋରେ' ବି ରିଲିଜ ହେବାକୁ ଯାଉଛି।

# ଚାଲ ଟିକେ ପ୍ରେମ କରିବା

'ତୋ ପ୍ରେମରେ ପଡିଲା ପରେ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା ଚିନ୍ମୟୀ ପ୍ରିୟଦର୍ଶିନୀ-ଦେବରାଜ ଯୋଡିକୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରୁ ପ୍ରଯୋଜିକା ସାଜିଥିଲେ ଚିନ୍ମୟୀ। ହୋମ ବ୍ୟାନର ଦେବକୀ ଫିଲ୍ମରେ ସେ ଆଉ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ରହିଛି 'ଚାଲ ଟିକେ ପ୍ରେମ କରିବା'। ଏଥିରେ ଏହି ଯୋଡିକୁ ପୁଣି ଥରେ ଦେଖିବାକୁ ମିଳିବ। ଏକ ତ୍ରିକୋଣୀୟ ପ୍ରେମ କାହାଣୀ ସହ କମେଡି ଛୁଙ୍କକୁ ନେଇ ଏହାର କାହାଣୀ ରଚନା କରିଛନ୍ତି ଦେବକୀ ସାହୁ। ସଂଳାପ ରଚନା କରିଛନ୍ତି ଆଶୁତୋଷ ବାରିକ। ଫିଲ୍ମରେ ସଂଯୋଜିତ ଗୀତଗୁଡିକର ସ୍ୱର ସଂଯୋଜନା କରିଛନ୍ତି ବିଭୂତି ଭୂଷଣ ଗଡନାୟକ। ଏହାର ନିର୍ଦ୍ଦେଶକ ସିଟ୍‌ରେ ବସିବେ ସରୋଜକାନ୍ତ। ଦେବରାଜ ଏବଂ ଚିନ୍ମୟୀଙ୍କ ବ୍ୟତୀତ ଏହି ଚିତ୍ରର ଅନ୍ୟତମ ନାୟିକା ସାଜିଛନ୍ତି ଲିପ୍‌ସା ମିଶ୍ର। ଏମାନଙ୍କ ବ୍ୟତୀତ ବିରେନ୍ ମିଶ୍ର, ସରୋଜ ଦାସ, ସଲିଲ ମିତ୍ର, ଜୀବନ ପଣ୍ଡା, ପ୍ରଜ୍ଞା, କୁଲୁଆ, ରବି ଏବଂ ଭବାନୀ ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଏହାର ଶୁଟିଂ ଚଳିତ ମାସ ୧୪ରୁ ଆରମ୍ଭ ହୋଇଯାଇଛି।


ଚିନ୍ମୟୀ-ଦେବରାଜ-ଲିପ୍‌ସା

# ମାପିଚୁପି ଚାଲିବେ କିଆରା

କିଆରା ଆଡଓ୍ୱାନୀ ଏଣିକି ମାପିଚୁପି ଚାଲିବେ। ଏଣୁତେଣୁ ରୋଲ୍‌ରେ ଅଭିନୟ ନ କରିବାକୁ ସେ କୁଆଡ଼େ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି। ସେଥିପାଇଁ ତାଙ୍କ ହାତରୁ ୩-୪ଟି ଅଫର ଖସିଯାଇଛି। ଏ ବିଷୟରେ କିଆରା କହନ୍ତି, ''ଅସଲ କଥା ହେଲା, ଦମ୍ ନ ଥିବା ଭୂମିକାରେ ଅଭିନୟ କଲେ କିଛି ଲାଭ ନାହିଁ। ମୁଁ ଏଠାକୁ ଅଭିନୟ କରିବାକୁ ଆସିଛି। ଶସ୍ତା ଆକ୍ଟିଂ କରି ସୁନାମ ନେବାକୁ ମୁଁ ଚାହେଁନା। ଅବଶ୍ୟ ମୋ ନୂଆ ପଲିସି ପାଇଁ କେତୋଟି ଅଫର ମୋ ହାତରୁ ଖସିଯାଇଛି, ହେଲେ ତାକୁ ନେଇ ମୁଁ ଆଦୌ ମନ ଦୁଃଖ କରୁନାହିଁ। ଆଉ ଏକ କଥା, କାରଣ ନ ଥାଇ ମୁଁ ମଧ୍ୟ ଅଙ୍ଗ ପ୍ରଦର୍ଶନ କରିବି ନାହିଁ। ବାକି ରହିଲା ବିକିନି ପିନ୍ଧିବା କଥା। ଏ ନେଇ ଆଦୌ ରାଜି ହେବାର ନାହିଁ।'' ଦେଖାଯାଉ, କିଆରା ତାଙ୍କ କଥାରେ କେତେଦିନ ଦୃଢ଼ ରହୁଛନ୍ତି।



ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ବାକି ଶୁଝିଥିଲି



ଶିକ୍ଷାବିତ୍ ତଥା ସାହିତ୍ୟିକ **ଡ. କୈଳାସ ଚନ୍ଦ୍ର ଟିକାୟତରାୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କେନ୍ଦ୍ରାପଡାର ନହିଆଡିଆ ଗାଁରେ ମୋର ଜନ୍ମ। ସ୍ଥାନୀୟ ଦାଣ୍ଡିସାହି ନିକଟସ୍ଥ ଜୟହିନ୍ଦ୍ ଉଚ୍ଚ ବିଦ୍ୟାଳୟରୁ ୧୯୬୫ ମସିହାରେ ଏକାଦଶ ପାସ୍ କରିବା ପରେ କେନ୍ଦୁଝର ବିଜ୍ଞାନ ମହାବିଦ୍ୟାଳୟ(ଯାହା ଏବେ ଧରଣୀଧର କଲେଜ ଭାବେ ଜଣାଶୁଣା)ରେ ବିଜ୍ଞାନ ବିଭାଗରେ ପ୍ରି-ୟୁନିର୍ଭର୍ସିଟି ଓ ପ୍ରି-ପ୍ରଫେସନାଲ୍ ପଢିଥିଲି। ଏହାପରେ ଉକ୍ତ କଲେଜରେ କଳାବିଭାଗ ଆରମ୍ଭ ହୋଇଥିବାରୁ ଆଉ ବି.ଏସ୍.ସି ନ ପଢି ବି.ଏ ପଢିଲି, ସେ ପୁଣି ଇତିହାସ ଅନର୍ସ ରଖି। କିନ୍ତୁ ଛାତ୍ର ରାଜନୀତିରେ ଅଧିକ ସମୟ କଟୁଥିବାରୁ ପାଠପଢାରେ ଅବହେଳା ହେଲା। ଯେଉଁଥିପାଇଁ ଇତିହାସକୁ ବଦଳାଇ ପୁଣି ଓଡିଆ ଅନର୍ସରେ ବି.ଏ କଲି। ତା'ପରେ ରେଭେନ୍ସା କଲେଜରେ ଓଡିଆରେ ଏମ୍.ଏ ପଢିଲି। ଏମ୍.ଏ ପାସ୍ କରିବା ପରେ ବଲାଙ୍ଗିରସ୍ଥିତ ରାଜେନ୍ଦ୍ର କଲେଜରେ ଓଡିଆ ଅଧ୍ୟାପକ ଭାବେ ଚାକିରି ପାଇଲି। କିନ୍ତୁ ସେ ଚାକିରୀ ଅସ୍ଥାୟୀ ଥିଲା। ପାଖାପାଖି ୬ମାସ ଚାକିରୀ କରିବା ପରେ ଏକକାଳୀନ ୬ମାସର ଦରମା ମିଳିଲା। ମୂଳଦରମା ସହ ମହଙ୍ଗା ଭତ୍ତା ମିଶି ମାସିକ ୪୪୭ଟଙ୍କା ହିସାବରେ ୬ମାସ ପରେ ଯେବେ ଦରମା ପାଇଲି, ସେଦିନ ମୋର ଖୁସି କହିଲେ ନ ସରେ। ଘରର ଚଳଣି ଭଲ ଥିବାରୁ ମୋ ପଇସାର ଘରେ କୌଣସି ଆବଶ୍ୟକତା ନ ଥିଲା। କିନ୍ତୁ ଯେଉଁ ୬ମାସ ଦରମା ମିଳି ନଥିଲା, ସେହି ସମୟରେ ମୋର କିଛି ହାତଉଧାରୀ ହୋଇଯାଇଥିଲା। ତେଣୁ ଦରମା ପାଇଲା ପରେ ପ୍ରଥମେ ସେ ବାକିତକ ଶୁଝିଥିଲି। ତେବେ ମାତ୍ର ୭ମାସ ଉକ୍ତ କଲେଜରେ ରହିବା ପରେ ଜୟପୁରସ୍ଥିତ ବିକ୍ରମଦେବ କଲେଜକୁ ମୋର ବଦଳି ହେଲା। ସେଠାରେ ୩ବର୍ଷ ରହିଲି। ଆଉ ତା'ରି ଭିତରେ ପବ୍ଲିକ୍ ସର୍ଭିସ୍ କମିଶନ ପରୀକ୍ଷା ଦେଇ ସମଗ୍ର ଓଡିଶାରେ ଦ୍ୱିତୀୟ ସ୍ଥାନ ହାସଲ କଲି। ଏହାପରେ ପୁରୀ ଏସ୍.ସି.ଏସ୍ କଲେଜକୁ ମୋର ବଦଳି ହେଲା ଆଉ ସେଠାରେ ପ୍ରାୟ ୭ ବର୍ଷ ରହିଲି। ଏଠାରେ ଅଧ୍ୟାପନା ସହ ଏନ୍.ସି.ସି, ସ୍ପୋର୍ଟ୍ସ, ଡ୍ରାମା ଇତ୍ୟାଦି କଥା ବି ବୁଝୁଥିଲି। ତା'ସହିତ ଭାଷା ବିଜ୍ଞାନରେ ପି.ଏଚ୍ଡି କରିବାକୁ ମଧ୍ୟ ଗବେଷଣା ଆରମ୍ଭ କରିଦେଇଥିଲି। ୧୯୮୪ରେ ପି.ଏଚ୍ଡି ଡିଗ୍ରୀ ପାଇଲି କିନ୍ତୁ ସେତେବେଳକୁ ଭବାନୀପାଟଣାକୁ ମୋର ବଦଳି ହୋଇସାରିଥାଏ। ସେଠାରେ ୭ବର୍ଷ ରହିବା ଭିତରେ ବହୁତ ଲାଗି ଲାଗି କଲେଜରେ ଓଡିଆର ଏମ୍.ଏ ଡିପାର୍ଟମେଣ୍ଟ ଖୋଲିଲା। କିନ୍ତୁ ସେଠାରେ ଏମ୍.ଏ ପିଲାଙ୍କୁ ପଢାଇବାର ସୁଯୋଗ ପାଇଲିନି। ତା'ପରେ ପୁରୀ ମହିଳା ମହାବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ମାତ୍ର ୧୪ ମାସ ରହି ପୁଣି ଏସ୍.ସି.ଏସ୍ କଲେଜକୁ ବଦଳି ହୋଇଗଲି। ଅଢେଇ ବର୍ଷ ପରେ ଭଦ୍ରକ କଲେଜକୁ ବଦଳି ହେଲା। ସେଠାରେ ମାତ୍ର ୧୬ ମାସ କାମ କରିବା ପରେ ଧନ୍ଦା ମୂଳକ ଶିକ୍ଷାର ଉପ-ନିର୍ଦ୍ଦେଶକ ଭାବେ ମୋତେ ଦାୟିତ୍ୱ ଦିଆଗଲା। ଏହି ପଦବୀରେ ସାଢେ ଚାରି ବର୍ଷ ରହି ଧନ୍ଦାମୂଳକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରିବାରେ ସଫଳ ହେଲି। ଏହା କାର୍ଯ୍ୟକାରୀ ହେବା ପରେ ପୁଣି ପ୍ରାଧ୍ୟାପକ ଭାବେ ରେଭେନ୍ସା କଲେଜକୁ ବଦଳି ହେଲା। ୧୪ ମାସ ପରେ ପୁର୍ନବାର ଏସ୍.ସି.ଏସ୍ କଲେଜକୁ ଗଲି। ଆଉ ଏଠାରେ ବି ଲାଗିଲାଗି ଓଡିଆରେ ଏମ୍.ଏ. ଡିପାର୍ଟମେଣ୍ଟ ଖୋଲିଲା। ତା'ସହିତ ଏମ୍.ଏ ପିଲାଙ୍କୁ ପଢାଇବାର ଇଚ୍ଛା ବି ମୋର ଏହିଠାରେ ପୂରଣ ହୋଇଗଲା। କିନ୍ତୁ ମାତ୍ର ୬ମାସ ଏଠାରେ କାମ କରିବା ପରେ ଓଡିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଭାବେ ମୋତେ ଅତିରିକ୍ତ ଦାୟିତ୍ୱ ଦିଆଗଲା। ଆଉ ଶେଷରେ ଜାନୁୟାରୀ ୩୧, ୨୦୦୭ରେ ଏହି ପଦବୀରେ ଥାଇ ଚାକିରିରୁ ଅବସର ନେଲି। ଚାକିରି ଜୀବନ ବାଦ୍ ଛନ୍ଦ କବିତା ଲେଖିବାରେ ମୋର ରୁଚି ରହିଛି। ୟା' ଭିତରେ 'ଜୀବନ ଲୋରୀ' ନାମକ ଏକ କବିତା ସଂକଳନ, 'କିଛି କଥା କିଛି ବାର୍ତ୍ତା' ନାମକ ଏକ ପ୍ରବନ୍ଧ ପୁସ୍ତକ, 'ଭାଷା ବିଚାର' ଓ 'ଓଡିଆ ବର୍ଣ୍ଣ ପରିଚୟ' ନାମରେ ଦୁଇଟି ପୁସ୍ତକ ବି ମୋର ପ୍ରକାଶ ପାଇସାରିଲାଣି। ସେହିପରି କେତୋଟି ପୁସ୍ତକର ଅନୁବାଦ ବି କରିସାରିଲିଣି। ଏହାଛଡା ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଦିଗରେ ଯେଉଁ ୧୬ ଜଣିଆ କମିଟି ଗଠନ କରାଯାଇଥିଲା, ସେହି କମିଟିର ମୁଁ ଜଣେ ସଦସ୍ୟ ମଧ୍ୟ ଥିଲି। ତା'ଛଡା ଓଡିଆ ସାହିତ୍ୟ ଏକାଡେମୀର ୬ ବର୍ଷ କାର୍ଯ୍ୟକାରୀ କମିଟିର ଜଣେ ସଦସ୍ୟ ବି ଥିଲି। ଆଉ ଏବେ ସାଧାରଣ ପରିଷଦର ଜଣେ ସଦସ୍ୟ ଅଛି। ସେହିପରି ଓଡିଶା ସଙ୍ଗୀତ ପରିଷଦର କାର୍ଯ୍ୟକାରୀ ସଭାପତି ଏବଂ ଲେଖକ ସହଯୋଗ ସମିତିର ସଭାପତି ଦାୟିତ୍ୱ ବି ତୁଲାଉଛି। ତା'ସହିତ ମୁଁ ଆଉ ମୋର କେତେଜଣ ବନ୍ଧୁ ମିଶି ମଝିରେ ମଝିରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରୀଛାତ୍ର ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଓଡିଆ ଭାଷା ଓ ବ୍ୟାକରଣ ଉପରେ ଶିକ୍ଷାଦାନ ଦେଇଚାଲିଛି।–ଅସ୍ମିତା

# ଅଧା ସପନରେ ପାହିଲା ରାତି, କେବେ ଫେରିବ ମୋ ହୃଦୟ ସାଥୀ

**ପ୍ରଶ୍ନ–**କହିବେ କି ସାଥୀ, ପ୍ରେମ କ୍ଷେତ୍ରରେ ଅତ୍ୟଧିକ ଭାବପ୍ରବଣତା କେତେଦୂର ଠିକ୍ ?

*–ତୁଟୁ ବିନୋଦ ବେହେରା, ନୂଆବଜାର, କଟକ*

**ଉତ୍ତର:** ପ୍ରେମର ଢେଉ ଥରେ ମନରେ ଉଠିଲେ ତାହା ଥଳକୂଳ ମାନି ନ ଥାଏ। ସେତେବେଳେ ମନ ଏତେ ସ୍ପିଡ୍‌ରେ ଉଡ଼େ ଯେ ତାକୁ କଣ୍ଟ୍ରୋଲ କରିବା ସହଜ ହୋଇ ନ ଥାଏ। ଏ ପରିସ୍ଥିତିରେ ଭାବପ୍ରବଣ ହୋଇପଡ଼ିବା କିଛି ନୂଆ କଥା ନୁହେଁ। ହେଲେ ସେହି ଭାବପ୍ରବଣତା ଭିତରେ ଯେମିତି ପ୍ରେମର ଗଣିତକୁ ଭୁଲ୍ ନ କଷନ୍ତି ସେଥିପ୍ରତି ନଜର ଦିଅନ୍ତୁ। ନ ହେଲେ ସାମାନ୍ୟ ଭାବପ୍ରବଣତା ପାଇଁ ସବୁ କିଛି ଓଲଟପାଲଟ ହୋଇଯାଇପାରେ।

**ପ୍ରଶ୍ନ–**ଦିନ ପରେ ଦିନ ରାତି ପରେ ରାତି ବିତିଯାଉଛି। ହେଲେ ମୋ ହୃଦୟର ସାଥୀ କେବେ ମୋ ପାଖକୁ ଆସିବ ତାହା ଜାଣିପାରୁନାହିଁ ?

*–ନୀତୀଶ ସାହୁ, ସୁନାବେଡ଼ା*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଜଣାପଡୁଛି ଆପଣ ବୋଧହୁଏ ଉଭୟ ପ୍ରେମ ଆଉ ପ୍ରେମିକାକୁ ନେଇ ସ୍ୱପ୍ନ ପରେ ସ୍ୱପ୍ନ ଦେଖି ଚାଲିଛନ୍ତି। ଅବଶ୍ୟ ଏପରି ରଙ୍ଗିନ ବିଷୟକୁ ନେଇ ମନକୁ ପୁଲକିତ କରିବା ଭଳି ସ୍ୱପ୍ନଟିଏ ନିଦ ରାଇଜରେ ଭାସି ଆସିବା ଭୁଲ୍ ନୁହେଁ। ହେଲେ ସେହି ପରିବେଶରୁ ବାସ୍ତବତାକୁ ଆସନ୍ତୁ ନା ! 'ଗୋଟିଏ କଥା–ଅଧା ସପନରେ ପାହିଲା ରାତି, କେବେ ଆସିବ ମୋ ହୃଦୟ ସାଥୀ।' ଏଇ କଥାଟି ଆପଣଙ୍କୁ ବ୍ୟସ୍ତ ବିବ୍ରତ କରିପକାଇଛି। ପ୍ରେମିକାକୁ ନେଇ ଘଣ୍ଟା ଘଣ୍ଟା ଚିନ୍ତାକଲେ କ'ଣ ହେବ ? ସପନ ରାଇଜରୁ ବାହାରି ବାସ୍ତବ ଦୁନିଆରେ ମନଲାଖି ସାଥୀଟିଏ ଖୋଜନ୍ତୁ। ଯଦି ଆପଣଙ୍କ ପ୍ରେମରେ ଆଦୌ ଆବିଳତା ନ ଥିବ ତେବେ ଆପଣଙ୍କ ପ୍ରେମ ମିଶନ ସକ୍‌ସେସ ହେବାର ଯଥେଷ୍ଟ ଚାନ୍ସ ରହିଛି।

**ପ୍ରଶ୍ନ–**ମୁଁ ଯେତେଥର ପ୍ରେମ କରୁଛି ମୋ ସାଙ୍ଗମାନେ ସେଥିରେ କେଁ ପୂରାଇ ଭାଙ୍ଗି ଦେଉଛନ୍ତି। କ'ଣ କରିବି ?

*–ଜୀବନ, ରେଢ଼ାଖୋଲ*

**ଉତ୍ତର:** ସେଭଳି ସାଙ୍ଗଙ୍କ ସହ କେମିତି ବନ୍ଧୁତା ରଖିଛନ୍ତି କହିଲେ ? ପଛରୁ ଗୋଡ଼ଟାଣୁଥିବା ଲୋକଙ୍କଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ କରନ୍ତୁ। ପ୍ରେମରେ କ'ଣ କରିବେ, କାହା କଥାକୁ ଗ୍ରହଣକରି ଆଗେଇବେ ତାହାକୁ ତର୍ଜମା କରିବାର ଶକ୍ତି ଆପଣଙ୍କର ରହିଛି। କାହା କଥାରେ ପ୍ରଭାବିତ ହୋଇ ଡେଇଁ ପଡ଼ିଲେ ପ୍ରେମ ହୁଏନା, ନିଜର ମଗଜ ଖଟାନ୍ତୁ। ତା'ହେଲେ ଆପଣ ପ୍ରେମର ମୂଳଦୁଆ ପକାଇପାରିବେ ଏବଂ ତାହା ଷ୍ଟ୍ରଙ୍ଗ୍ ହେବ।

**ପ୍ରଶ୍ନ–**ପ୍ରତାରଣା କରିଥିବା ପ୍ରେମିକା ଉପରେ କିପରି ପ୍ରତିଶୋଧ ନିଆଯାଇପାରିବ ?

*–ଟି.ଜେନା, ରାଜକନିକା, କେନ୍ଦ୍ରାପଡ଼ା*

**ଉତ୍ତର:** ପ୍ରଥମେ ଏଭଳି ମାନସିକତାରୁ ଓହରି ଆସନ୍ତୁ। ଯାହା ଘଟିଗଲା ତାକୁ ଅତୀତ ଭାବି ଭୁଲିଗଲେ କ୍ଷତି କ'ଣ ? ଯଦି ପ୍ରତିଶୋଧ ପରାୟଣ ହୋଇ କିଛି ଅଘଟଣ ଘଟାଇଲେ ତା' ପରବର୍ତ୍ତୀ ପରିସ୍ଥିତିକୁ ପୁଣି ସାମ୍ନା କରିବାକୁ ପଡ଼ିବ। ତେଣୁ କାଦୁଅରେ ଗୋଡ଼ ପୂରାଇବା ଅପେକ୍ଷା ସେଭଳି ପ୍ରେମ ଆଉ ପ୍ରେମିକାକୁ ଭସା ବାଦଲ ଭାବି ଭୁଲିଯାଆନ୍ତୁ।



# ପିଲାଙ୍କ ଗାନ୍ଧୀ ଅଜା



ବସ୍ତି ପିଲାଙ୍କ ସହ ଏନ୍. ଦୁର୍ଗା ରାଓ








ବସ୍ତି ପିଲାଙ୍କର ସେ ଭାରି ପ୍ରିୟ। ତାଙ୍କର ଗୋଟିଏ ଡାକରେ ଦଉଡି ଆସନ୍ତି ସେମାନେ। ଆଉ ଘେରି ଯାଆନ୍ତି ତାଙ୍କୁ। କିଏ ତାଙ୍କୁ ଅଜା ତ କିଏ ଡାକନ୍ତି ମହାତ୍ମା ଗାନ୍ଧୀ। ଅନେକଙ୍କର ତ ସେ ପ୍ରିୟ ଗାନ୍ଧୀ ଅଜା। ଜାନୁଆରୀ ୨୬, ଅଗଷ୍ଟ ୧୫ରେ ତ ଏଇ ଅଜାଙ୍କ କଥା ପିଲାଙ୍କର ବେଶି ମନେପଡ଼େ। ଆଗୁଆ ବୁଝି ନିଅନ୍ତି ଏଥର କ'ଣ ପତାକା ଉତ୍ତୋଳନ ହେବନି? ବିସ୍କୁଟ, ଚକୋଲେଟ୍ ସାଙ୍ଗକୁ ଭୋଜି ଦେବନି? ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ଓ ସ୍ୱାଧୀନତାର କଥା କହିବନି? ଆଉ ସେ ହସି ଦେଇ କହନ୍ତି, ହଁ ସବୁ ହେବ....

ଗରିବ ବସ୍ତି ପିଲାଙ୍କର ପ୍ରିୟ ଅଜା ସାଜିଥିବା ଏହି ମଣିଷ ଜଣକ ହେଉଛନ୍ତି ଏନ୍. ଦୁର୍ଗା ରାଓ। ବୟସ ୭୪। କଟକ, ବକ୍ସି ବଜାରରେ ତାଙ୍କ ଘର। ହେଲେ ଦୀର୍ଘ ୪୦ ବର୍ଷ ଧରି ସେ ରହୁଛନ୍ତି ଭୁବନେଶ୍ୱର, ରସୁଲଗଡସ୍ଥ ଜଗନ୍ନାଥ ନଗର, ରୋଡ ନଂ ୧୧ରେ। ସେ ରେଭେନ୍ୟୁ ଡିପାର୍ଟମେଣ୍ଟରେ ଦଫ୍ତରୀ କାମ କରୁଥିଲେ। ୪ ପୁଅ, ଗୋଟିଏ ଝିଅ ଏବଂ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ପୁଅବୋହୂ ନାତିନାତୁଣୀରେ ଘର ପୂରି ଉଠେ। ତେବେ ଦଶବର୍ଷ ପୂର୍ବେ ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଗଲା। ଅବସର ପରେ ସତେଯେମିତି ସେ ଏକା ହୋଇଗଲେ। ପରେ ସେ ଭାବିଲେ ଗରିବ ବସ୍ତି ପିଲାଙ୍କ ପାଇଁ କିଛି କରିବେ। ଦୁର୍ଗା ରାଓ କହନ୍ତି, 'ମୁଁ ଦେଖିଲି ବସ୍ତି ପିଲାମାନେ ବିଶେଷ ପାଠ ପଢୁ ନ ଥିବାରୁ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ କ'ଣ, ଏମିତିକି ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ରଙ୍କ ଭଳି ମହାପୁରୁଷ କିଏ ସେମାନେ ଜାଣନ୍ତି ନାହିଁ। ଏହାଛଡା ଆଗରୁ ଏହିଦିନଗୁଡ଼ିକରେ ସ୍କୁଲରେ ସକାଳୁ ସକାଳୁ ହେଉଥିବା ପ୍ରଭାତଫେରି ବି ଯେମିତି ହଜିଗଲାଣି। ଗାଁ ସାରା ବୁଲି ବୁଲି ପିଲାମାନେ ଧାଡି ଧାଡି ହୋଇ ବନ୍ଦେ ମାତରମ୍, ଭାରତ ମାତା କି ଜୟ, ମହାତ୍ମା ଗାନ୍ଧୀ କି ଜୟ ଆଦି ଧ୍ୱନିରେ ଦିନେ ସାରା ପରିବେଶ ଦେଶାତ୍ମବୋଧତାରେ ଭରି ଯାଉଥିଲା। ହେଲେ ସେହି ଶବ୍ଦ ଆଉ ଶୁଭୁନି।

ତେଣୁ ସେହିଦିନକୁ ପୁଣି ଫେରାଇ ଆଣିବାକୁ ଭାବିଲି। ତେଣୁ ୭ ବର୍ଷ ପୂର୍ବେ ଅଗଷ୍ଟ ୧୫ ତାରିଖରେ ମୁଁ ମୋ ନିଜସ୍ୱ ଉଦ୍ୟମରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରେ ପତାକା ଉତ୍ତୋଳନର ଅୟୋଜନ କରିଥିଲି। ଆଉ ନିକଟସ୍ଥ ବସ୍ତି ପିଲାଙ୍କୁ ସକାଳୁ ସକାଳୁ ଡାକି ପତାକା ଉତ୍ତୋଳନ କରି ବିସ୍କୁଟ ଚକୋଲେଟ୍ ବାଣ୍ଟିବା ସହ ଅରୁଆ ଭାତ, ଡାଲମା କରି ଖୁଆଇଲି। ପିଲାମାନେ ବହୁତ ଖୁସି ହୋଇଯାଇଥିଲେ। ଏହାପରେ ବସ୍ତିପିଲାମାନଙ୍କର ମୁଁ ପାଲଟିଗଲି ପ୍ରିୟର ଅଜା। ପରବର୍ଷ ଯେବେ ସାଧାରଣତନ୍ତ୍ର ଦିବସ ପାଳନ କଲି ଗୋଟିଏ ଡାକରେ ପିଲାମାନେ ଖୁସିରେ ଚାଲି ଆସିଲେ। ପିଲାଙ୍କୁ ମୁଁ ମହାପୁରୁଷଙ୍କ ବେଶରେ ସଜାଇବା ପାଇଁ ଚିତ୍ରାଳୟରୁ ପୋଷାକ ଆଣିଥିଲି। ନିଜେ ସେମାନଙ୍କୁ ମେକ୍ଅପ୍ ଦେବା ସହ ପୋଷାକ ପିନ୍ଧାଇଲି। ନିଜେ ବି ଗାନ୍ଧିଜୀଙ୍କ ବେଶ ହେଲି। ପତାକା ଉତ୍ତୋଳନ କରିବା ପରେ ସ୍ୱାଧୀନତା କ'ଣ କେଉଁମାନଙ୍କ ବଳିଦାନରେ ଏହା ମିଳିଛି ସେ ସମ୍ପର୍କରେ ପିଲାଙ୍କୁ କହିଲି। ପରେ ପ୍ରଭାତଫେରି କରି ବନ୍ଦେ ମାତରମ୍, ଭାରତ ମାତାକି ଆଦି କହି କହି ସାହି ସାହି ବୁଲିଲୁ। ପ୍ରଭାତଫେରିରୁ ଫେରି ପିଲାଙ୍କୁ ଭୋଜିଭାତ ସହ ବିସ୍କୁଟ ଚକୋଲେଟ୍ ବି ଦେଲି। ଏହାପରେ ପ୍ରତିବର୍ଷ ଏଭଳି କରିଆସୁଛି।' ପ୍ରଥମେ ପ୍ରଥମେ ଦୁର୍ଗା ରାଓଙ୍କ ପିଲାମାନେ ଏହି କାମ ନ କରିବାକୁ କହୁଥିଲେ। ହେଲେ ସେ କାହା କଥା ଶୁଣି ନ ଥିଲେ। ଏହାମଧ୍ୟରେ ଦୀର୍ଘ ୭ ବର୍ଷ ବିତିଗଲାଣି। ନିଜ ଖର୍ଚ୍ଚରେ ବସ୍ତି ପିଲାଙ୍କୁ ଏକାଠି କରି ଏହି ଦୁଇଦିନକୁ ପାଳନ କରିଆସୁଛନ୍ତି। ଏବେ ବାଲିଆପଟା ଓ କିମ୍ବିଡିଆ ବସ୍ତିର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲା ଆସି ଏଥିରେ ଯୋଗ ଦେଉଛନ୍ତି। ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିଙ୍କୁ ସେ ପତାକା ଉତ୍ତୋଳନ ପାଇଁ ଅତିଥିଭାବେ ଡାକନ୍ତି। ହେଲେ କେହି କେବେ ଆର୍ଥିକ ସାହାଯ୍ୟ କରି ନାହାନ୍ତି। ଏମିତିକି ଆଖପାଖର କେହି ବି ତାଙ୍କୁ ସାହାଯ୍ୟର ହାତ ବଢାଇ ନାହାନ୍ତି। ବସ୍ତି ପିଲାଙ୍କୁ ନେଇ ଏହି କାମ କରୁଥିବାରୁ କେହି କେହି ତ ନାକ ବି ଟେକନ୍ତି। ହେଲେ କାହା ହାତ ଟେକାକୁ କି କାହାର କୌଣସି କଥାକୁ ଭ୍ରୁକ୍ଷେପ ନ କରି ସେ ନିଜ ପେନ୍ସନ୍ ଟଙ୍କା ଖର୍ଚ୍ଚ କରି ପ୍ରତିବର୍ଷ ପାଳନ କରନ୍ତି ଏହିଦୁଇ ଦିନ। ଏହାବ୍ୟତୀତ ସେ ଖାଲଢିପ ରାସ୍ତାରେ ମାଟି ପକାଇ ମରାମତି କରିବା, ସ୍ଥାନୀୟ ମନ୍ଦିର ପରିସର ସଫା କରିବାରେ ନିଜର ଅନେକ ସମୟ ଦିଅନ୍ତି। ଶୀତଦିନେ ବସ୍ତିର ଗରିବ ବୃଦ୍ଧାମାନଙ୍କୁ କମ୍ବଳ ବି ଦାନ କରନ୍ତି। ଏମିତିରେ ପ୍ରତିଦିନ ତାଙ୍କ ପାଖରେ ହୁଏ ବସ୍ତିପିଲାଙ୍କ ଗହଳି। ଏ ପିଲେ ଆସ ବୋଲି ଡାକ ଛାଡିଲା ମାନେ କିଏ କୋଉଠି ଥିଲେ ବି ଦଉଡି ଚାଲି ଆସନ୍ତି ତାଙ୍କ ପାଖକୁ। ଅଜା, ମହାତ୍ମା ଗାନ୍ଧୀ, ଗାନ୍ଧୀ ଅଜା ଡାକି ହାତ ବଢାଇ ନେଇ ଯାଆନ୍ତି ଚକୋଲେଟ୍। ଆଉ ସେଇଥିରେ ଦୁର୍ଗା ରାଓଙ୍କୁ ମିଳେ ପରମ ଆନନ୍ଦ। **–ଶିବାନୀ ମହାନ୍ତି**




# ମହାକାଶରେ ହେବ ହୋଟେଲ!

ମହାକାଶକୁ ଯିବା, ସେଠାକାର ଅନୁଭୂତି କିଭଳି ଜାଣିବାର ଇଚ୍ଛା ପ୍ରାୟ ଅନେକଙ୍କର ଥାଏ। ଖାସ୍ ସେଇଥିପାଇଁ ଆମେରିକାର କିଛି କମ୍ପାନୀ ଲୋକଙ୍କୁ ମହାକାଶର ଅନୁଭୂତି ଦେବାର ପ୍ରୟାସରେ ଲାଗିଛନ୍ତି। ଆମେରିକା, ଟେକ୍ସାସ୍‌ର ଓରିଓନ୍ ସ୍ପାନ୍ ଦାବି କରୁଛି ଯେ, ସେ ଅନ୍ତରୀକ୍ଷର ପ୍ରଥମ ଲକ୍ସ୍ୟୁରି ହୋଟେଲ ନିର୍ମାଣ କରୁଛି। କୁହାଯାଉଛି ଏହି ହୋଟେଲ ୨୦୨୧ରେ ଲଞ୍ଚ ହେବ। ଆଉ ୨୦୨୨ ମଧ୍ୟରେ ତାହା ଲୋକଙ୍କ ପାଇଁ ଖୋଲା ହୋଇଯିବ। ଏକ ଇଂରାଜୀ ଗଣମାଧ୍ୟମର ଖବର ଅନୁସାରେ ଉକ୍ତ ହୋଟେଲର ନାମ ହେଉଛି ଅରୋରା ଷ୍ଟେଶନ। ତେବେ ଏହି ହୋଟେଲରେ ରହିବାକୁ ହେଲେ ପ୍ରଚୁର ଅର୍ଥ ପୈଠ କରିବାକୁ ହେବ। ଅର୍ଥାତ୍ ଗୋଟିଏ ରାତିକୁ ପ୍ରାୟ ୫ କୋଟି ଓ ସର୍ବମୋଟ ୬୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ହୋଟେଲରେ ଦୁଇଜଣ କ୍ରିଉ ମେମ୍ବର ଓ ଚାରିଜଣ ଯାତ୍ରୀଙ୍କ ପାଇଁ ଜାଗା ରହିବ। ହୋଟେଲ ପର୍ଯ୍ୟନ୍ତ ପହଞ୍ଚିବାକୁ ୧୨ ଦିନ ଲାଗିଯିବ। କମ୍ପାନୀ ଅନୁସାରେ ଲୋକମାନେ ଏବେଠାରୁ ତାଙ୍କ ୱେବ୍‌ସାଇଟ୍‌ରେ ବୁକିଂ ଆରମ୍ଭ କରିଦେଲେଣି। ଏହାମଧ୍ୟରେ ରହୁଥିବା ଯାତ୍ରୀଙ୍କୁ ପ୍ରତି ୨୪ ଘଣ୍ଟାରେ ପ୍ରାୟ ୧୬ ଥର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବାକୁ ମିଳିବ। ତେବେ ଏହି ହୋଟେଲରେ ରହିବାକୁ ହେଲେ ପୂର୍ବରୁ ୨ ବର୍ଷର ତାଲିମ ନେବାକୁ ହେବ।



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ନିରଜପ୍ରିୟା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ**

# ହାଃ ହାଃ

## ବୋରିଂ

ମୋହନ ପପୁକୁ- ଆରେ ସାଙ୍ଗ ମୋ ଜୀବନ ପୂରା ବୋରିଂ ହେଇଗଲାଣି। କିଛି ଏକ୍ସାଇଟ୍‌ମେଣ୍ଟ ନାହିଁ, ମଜା ନାହିଁ କି ହଙ୍ଗାମା ନାହିଁ। କ'ଣ କରିବି କହିଲୁ ?

ପପୁ- ଗୋଟେ କାମ କର, ମୋବାଇଲରେ 'ଆଇ ଲଭ୍ ୟୁ' ଲେଖି ମେସେଜ୍ ଦେବୁ। ଆଉ ଗର୍ଲଫ୍ରେଣ୍ଡର ନାଁ ଲେଖି ସ୍ତ୍ରୀକୁ ପଠେଇ ଦେବୁ। ଦେଖିବୁ ତୋ ଲାଇଫ୍‌ରେ ଖାଲି ହଙ୍ଗାମା ହିଁ ହଙ୍ଗାମା ହେବ।

## ଫିଫ୍‌ଟି ଫିଫ୍‌ଟି

ଚିଣ୍ଟୁ ପିଣ୍ଟୁ ଗଲାବେଳେ ରାସ୍ତାରେ ୧୦୦୦ଟଙ୍କା ପାଇଲେ। ଚିଣ୍ଟୁ ଖୁସିରେ ଉଠାଇ ଆଣିଲା। ଆଉ କହିଲା ଆମେ ଫିଫ୍‌ଟି ଫିଫ୍‌ଟି କରିନେବା।

ପିଣ୍ଟୁ- ତେବେ ବାକି ୯୦୦ଟଙ୍କା ଆମେ କାହାକୁ ଦେବା ? ଟଙ୍କା ଆମେ ପାଇଲେ ଆଉ କାହାକୁ କାହିଁକି ଦେବା ?

## ଆଉଟ୍ ଗୋଇଂ

ଡାକ୍ତରଙ୍କ ପାଖକୁ ଯାଇ ରାଧୁଆ- ଆଜ୍ଞା ବହୁତ କଷ୍ଟ ପାଉଛି।

ଡାକ୍ତର- କ'ଣ ହେଇଛି ତୁମର ?

ରାଧୁଆ-ସଫରିଂ ଫ୍ରମ ଅନଲିମିଟେଡ୍ ଆଉଟ୍ ଗୋଇଂ ଉଇଥ୍ ଡିଫରେଣ୍ଟ ଡିଫରେଣ୍ଟ ରିଙ୍ଗଟୋନ୍।

ଡାକ୍ତର- ବୁଝିପାରିଲିନି କ'ଣ କହୁଛ ?

ରାଧୁଆ- ଏତିକି ବୁଝିପାରିଲେନି। ମୋର ଲୁଜ୍ ମୋସନ୍ ହୋଇ ଯାଇଛି।







# ଯମଜ ଗାଁ ଅଜିକୋଡ୍-ଅଜିକ୍କଲ



**କେରଳର କନ୍ନୁର ଜିଲା ଅନ୍ତର୍ଗତ ଏକ ତଟୀୟ ଗାଁ ହେଉଛି ଅଜିକୋଡ୍। ଏହାର ଉତ୍ତର ପାର୍ଶ୍ୱରେ ରହିଛି ଅଜିକ୍କଲ ନାମକ ଆଉ ଏକ ତଟୀୟ ଗାଁ। ଏହି ଦୁଇ ଗାଁ ଯମଜ ଗାଁ ଭାବେ ଜଣାଯାଇଥାଏ...**

ପର୍ଯ୍ୟଟନ ଦୃଷ୍ଟିକୋଣରୁ କେରଳ କୌଣସି ଗୁଣରେ କମ୍ ନୁହେଁ। ମୁଖ୍ୟତଃ ଏଠାକାର ସମୁଦ୍ର ପରିବେଶ, ବ୍ୟାକ୍‌ୱାଟର୍, ହିଲ୍‌ଷ୍ଟେଶନ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେହିପରି ସ୍ଥାନୀୟ ଲୋକ ସଂସ୍କୃତି ଓ ଧର୍ମୀୟ ରୀତିନୀତି ବି ଖୁବ୍ ଆପଣାର ଲାଗେ। ତେବେ ଏଥରର ଏହି ଆଲେଖ୍ୟରେ ଅଜିକୋଡ୍-ଅଜିକ୍କଲ ନାମରେ କେରଳର ଦୁଇ ତଟୀୟ ଗାଁ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହା ଯମଜ ଗାଁ ଭାବେ ପରିଚିତ।

### ଅଜିକୋଡ୍-ଅଜିକ୍କଲ

କେରଳର କନ୍ନୁର ଜିଲା ଅନ୍ତର୍ଗତ ଏକ ତଟୀୟ ଗାଁ ହେଉଛି ଅଜିକୋଡ୍, ଯାହା କନ୍ନୁରଠାରୁ ପ୍ରାୟ ୫ କି.ମି ଦୂରରେ ଅବସ୍ଥିତ। ଏହି ଗାଁର ନାମ କେରଳର ପ୍ରସିଦ୍ଧ ଲେଖକ ସୁକୁମାର ଅଜିକୋଡଙ୍କ ନାମାନୁସାରେ ହୋଇଥିବା ସୂଚନା ରହିଛି। ତେବେ ଅଜିକୋଡ୍ ଗାଁର ଉତ୍ତର ପାର୍ଶ୍ୱ ଶେଷ ସୀମାରେ ଅଜିକ୍କଲ ନାମକ ଆଉ ଏକ ତଟୀୟ ଗାଁ ବି ଅଛି। ଆଉ ଏହି ଦୁଇ ଗାଁ ପାଖାପାଖି ରହିଥିବାରୁ ସ୍ଥାନୀୟ ଲୋକେ ଏହାକୁ ଯମଜ ଗାଁ ଭାବେ ମଧ୍ୟ ସମ୍ବୋଧନ କରିଥାନ୍ତି। ଜନଗହଳିପୂର୍ଣ୍ଣ ପରିବେଶଠାରୁ ବହୁ ଦୂରରେ ଥିବା ଏହି ଶାନ୍ତ ତଥା ପ୍ରଦୂଷଣ ମୁକ୍ତ ସ୍ଥାନରେ ପରିବାର ସହ ଛୁଟି କଟାଇବା ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।



### ଏଠାକାର ଆକର୍ଷଣ

ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଥିବା ବିଚ୍ ବା ସମୁଦ୍ରତଟ। ମିନ୍‌କୁନ୍ନୁ, ଚାଲିଲ୍, ଅଜିକ୍କଲ ଏଷ୍ଟୁରୀ, ପଲ୍ଲିୟାମୁଲା, ପୟମ୍ବଲମ୍ ଇତ୍ୟାଦି ସମୁଦ୍ରତଟ ଏଠାରେ ପର୍ଯ୍ୟଟକ ଦେଖିବାକୁ ପାଇପାରିବେ। ତା'ଛଡ଼ା ସବୁ ଧର୍ମର ଲୋକଙ୍କ ପାଇଁ ଏଠାରେ ଭିନ୍ନ ଭିନ୍ନ ଧାର୍ମିକ ସ୍ଥଳୀ ବି ରହିଛି। ଫଟୋଗ୍ରାଫି ପାଇଁ ବି ଏଠାରେ ଅନେକ ଆକର୍ଷଣୀୟ ଦୃଶ୍ୟ ରହିଛି। କହିବାକୁ ଗଲେ, ପ୍ରକୃତିକୁ ଭଲ ପାଉଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହା କୌଣସି ସ୍ୱର୍ଗୀୟ ସ୍ଥାନଠୁ କିଛି କମ୍ ନୁହେଁ।

### ଫିଶିଂର ମଜା ନେଇପାରିବେ

ଏଠାରେ ଏକ ଛୋଟ ବନ୍ଦର ଆଉ ଫିଶିଂ ପଏଣ୍ଟ ବି ରହିଛି। ମାଛ ଧରିବାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏଠାରେ ବେଶ୍ ସୁବିଧା ମଧ୍ୟ ଅଛି।

### କେବେ ଯିବେ

ଏଠାକୁ ବୁଲିଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବେଶ୍ ଅନୁକୂଳ ରହିଥାଏ। ତଟୀୟ ସ୍ଥାନ ହୋଇଥିବାରୁ ଖରାଦିନେ ବି ଏଠାକାର ଜଳବାୟୁ ନା ବେଶି ଗରମ ଥାଏ ନା ବେଶି ଥଣ୍ଡା। ତେଣୁ ଏହି ସମୟରେ ବି କେହି କେହି ଏଠାକୁ ବୁଲି ଯାଇଥାନ୍ତି।

### କେମିତି ଯିବେ


ଏଠାକୁ ଯିବା ପାଇଁ ପରିବହନର ତିନୋଟି ମାର୍ଗର ବେଶ୍ ସୁବିଧା ରହିଛି। କନ୍ନୁର ରେଳଷ୍ଟେଶନ ହେଉଛି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ।



# ୩୪ ବର୍ଷରେ ୨୨ ଫୁଟର ନିଶ








ନିଶକୁ ପୁରୁଷମାନେ ନିଜ ସମ୍ମାନର ପ୍ରତୀକ ଭାବେ ଗ୍ରହଣ କରନ୍ତି। ତେଣୁ ତା'ର ବେଶ୍ ଯତ୍ନ ନିଅନ୍ତି। ତେବେ ରାଜସ୍ଥାନ, ବିକାନିର୍‌ରେ ରହୁଥିବା ଗିରିଧର ବ୍ୟାସଙ୍କ ନିଶ ଦେଖିଲେ ଜାଣିହୁଏ ପୁରୁଷଙ୍କ ପାଇଁ ନିଶ କେତେ ପ୍ରିୟ। ୧୯୮୫ ମସିହାରୁ ତଥା ଦୀର୍ଘ ୩୪ ବର୍ଷ ଧରି ସେ ନିଶ ବଢ଼ାଉଛନ୍ତି। ତାଙ୍କ ନିଶର ଲମ୍ବ ଏବେ ୨୨ ଫୁଟ। ନିଜର ଏଇ ନିଶକୁ ନେଇ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇବାକୁ ବି ତାଙ୍କର ଇଚ୍ଛା ରହିଛି। ତେବେ ନିଜ ନିଶକୁ ସଜାଡିବା, ସେଥିରେ ତେଲ ଲଗାଇବାରେ ଗିରିଧରଙ୍କୁ ପ୍ରତିଦିନ ୩ ଘଣ୍ଟା ସମୟ ଲାଗିଥାଏ। ଗିରିଧର କହନ୍ତି, 'ମୁଁ କେବେ ବି ନିଜ ନିଶରେ ଶ୍ୟାମ୍ପୁ କି ସାବୁନ ବ୍ୟବହାର କରିନାହିଁ। କେବଳ ମୁଲ୍‌ତାନି ମାଟି ବ୍ୟବହାର କରେ।' ବୁଲ୍‌ଗେରୀୟ ଟିଭି ଚ୍ୟାନେଲକୁ ସେ କହିଛନ୍ତି, 'ନିଶକୁ ସଜାଡିବା ଏତେ ସହଜ ନୁହେଁ। ପ୍ରତିଦିନ ସକାଳୁ ଉଠି ଖଟ ଉପରେ ନିଶକୁ ଖୋଲି ବିଛେଇ ରଖେ। ପରେ ସେଥିରେ ତେଲ ମାଲିସ୍ କରେ। ତେଲ ମାଲିସ୍‌ରେ ପ୍ରତିଦିନ ମୋତେ ୨ ଘଣ୍ଟା ସମୟ ଲାଗିଥାଏ। ପରେ ଲେମ୍ବୁ ଓ ଗୋଲମରିଚ ଗୁଣ୍ଡ ନିଶରେ ଲଗାଏ। ନିଶ ଯତ୍ନରେ ଅନେକ ସମୟ ଦେବା ପରେ ସନ୍ଧ୍ୟାବେଳକୁ ନିଶ ସମ୍ପୂର୍ଣ୍ଣ ମୁଲାୟମ ହୋଇଯାଏ।' ଏବେ ଏହି ନିଶ ଗିରିଧରଙ୍କ ପରିଚୟ ପାଲଟିଛି। ଅନେକେ ତାଙ୍କୁ ସେଲିବ୍ରିଟି ବୋଲି ଭାବନ୍ତି। ତେଣୁ ସମସ୍ତେ ତାଙ୍କୁ ବୁଲି ବୁଲି ଦେଖନ୍ତି। ତାଙ୍କ ସହ ଫଟୋ ମଧ୍ୟ ଉଠାନ୍ତି। କେହି କେହି ତାଙ୍କୁ ଥଟ୍ଟା ବି କରନ୍ତି ହେଲେ ତାକୁ ସେ ଅଣଦେଖା କରନ୍ତି।


## କାର୍ଟୁନ କର୍ଣର



# 'ମୁଁ କୌଣସି କମ୍ପ୍ରୋମାଇଜ୍‌ରେ ନାହିଁ'

'ସଙ୍ଗୀତ ମୋର ବନ୍ଧୁ। ସଙ୍ଗୀତ ମୋର ପ୍ରାଣ। ସଙ୍ଗୀତକୁ ମୁଁ ପୂଜା କରେ। ସଙ୍ଗୀତକୁ ମୁଁ ପ୍ରାଣ ଦେଇ ଭଲପାଏ।' ଏକଥା କହନ୍ତି ଯାତ୍ରା ଇଣ୍ଡଷ୍ଟ୍ରିର ସବୁଠୁ ବ୍ୟସ୍ତ ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା। ବିକାଶଙ୍କୁ କେବଳ ଯାତ୍ରା ଇଣ୍ଡଷ୍ଟ୍ରିର ବ୍ୟସ୍ତତମ ସଙ୍ଗୀତ ନିର୍ଦ୍ଦେଶକ କହିଲେ ଭୁଲ ହେବ। କାରଣ ସେ ଆଲବମ୍, ଭଜନଠୁ ଆରମ୍ଭ କରି ସିନେମା ଜଗତରେ ମଧ୍ୟ ସକ୍ରିୟ। 'ଦେ'ରେ କାଳିଆ ଦେ', 'ନୀଳାଚଳେ ମୋତେ ନେରେ କାଳିଆ', 'ନାନୀ ବଡ଼ଦାଣ୍ଡେ ଭିଡ ଭାରି' ଭଳି ଲୋକପ୍ରିୟ ଭଜନ ହେଉ କି 'ତୁମ ସହରକୁ ଆସିବିନି ଆଉ', 'ଆଜିକାଲି ତମେ କାହିଁ ମନେପଡୁଛ' ଭଳି ସୁପରହିଟ୍ ଆଧୁନିକ ପୁଣି 'ମୋତେ ବୋହୂ କରି ନେଇଯା', 'ଚୋରି ଚୋରି ମନ ଚୋରି' ଭଳି ଫିଲ୍ମରେ ବିକାଶ ନିଜର ପାରଦର୍ଶିତା ପ୍ରତିପାଦିତ କରିଛନ୍ତି। ତେବେ ଏ ସବୁ ସତ୍ତ୍ୱେ ଯାତ୍ରା ଜଗତର ସଙ୍ଗୀତ ନିର୍ଦ୍ଦେଶକ ଭାବରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛନ୍ତି ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ। ବିକାଶ ଶୁକ୍ଳାଙ୍କ ମ୍ୟୁଜିକ୍‌କୁ ଅନୁଶୀଳନ କଲେ ଜଣାଯାଏ ଯେ, ବିକାଶଙ୍କ ମ୍ୟୁଜିକ୍‌ରେ ଏମିତି ଏକ ଯାଦୁକରୀ ଶକ୍ତି ରହିଛି ଯାହା ଦୁର୍ବଳ ନାଟକକୁ ମଧ୍ୟ ନିଜ କାନ୍ଧରେ ଉଠେଇ ନେଇ ସଫଳତାର ମୁକୁଟ ପିନ୍ଧେଇଦେବାର ସାମର୍ଥ୍ୟ ରଖେ। ସେଥିଲାଗି ଯାତ୍ରା ଇଣ୍ଡଷ୍ଟ୍ରିର ସଙ୍ଗୀତ ନିର୍ଦ୍ଦେଶକଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବରେ ବାରିହୋଇ ପଡନ୍ତି ବିକାଶ।

– ନବେ ଦଶକରେ ବିକାଶଙ୍କ ଯାତ୍ରା ଜଗତକୁ ପ୍ରବେଶ ହୁଏ। ମୋ 'ଜାଇ ଯିବ ଶାଶୁଘର', 'ଉଠିଲା ସବାରି ବାଜିଲା ଶଙ୍ଖ' ଭଳି ନାଟକ ଜରିଆରେ ବିକାଶ ଯାତ୍ରା ଜଗତରେ ଖାତା ଖୋଲନ୍ତି। ମାତ୍ର ତାଙ୍କୁ ସଫଳତା ଦିଏ ସାହାଣୀ ଅପେରା ପ୍ରାୟୋଜିତ ନକୁଳି ପାତ୍ର ନିର୍ଦ୍ଦେଶିତ ତଥା ବଙ୍କିମ୍ ସ୍ୱାଇଁଙ୍କ ରଚିତ ନାଟକ 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ୍'। ଏହି ନାଟକ ରାତାରାତ୍ ପ୍ରସିଦ୍ଧ କରିଦିଏ ବିକାଶଙ୍କୁ। ଏହାପରେ ବିକାଶଙ୍କ ଲାଗି ରାସ୍ତା ଖୋଲିଯାଏ। ପ୍ରତ୍ୟେକ ଯାତ୍ରା ନିର୍ଦ୍ଦେଶକଙ୍କର ପ୍ରଥମ ପସନ୍ଦ ପାଲଟନ୍ତି ବିକାଶ। ଇତିମଧ୍ୟରେ ବିକାଶ ତିନିଶହରୁ ଊର୍ଦ୍ଧ୍ୱ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସାରିଲେଣି। ସେଥିମଧ୍ୟରେ ରହିଛି 'ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ', 'ବଇନା ଦେଇଛି ବାହାହବାକୁ', 'ଘୁଙ୍ଗୁର କାନ୍ଦୁଛି', 'କନିଆ ସାଜିଛି କଣ୍ଢେଇ ରାଣୀ', 'କଉଡ଼ି ଖେଳ', 'ଦୁଃଖ ଦେଇଗଲା ଦରଦୀ ବନ୍ଧୁ', 'ରାମ ବନବାସ କାହାଣୀ ଶେଷ', 'ବରଷା ରାଣୀର ଭିଜା ଓଢ଼ଣି', 'ନଈ ସେପାରି କନକ ଗୋରୀ', 'ଏମିତି କାହାଣୀ କେବେ ବି ଶୁଣିନି', 'ରାଜଧାନୀ ଝିଅ ରାଜନନ୍ଦିନୀ', 'ରଙ୍ଗିଲା ରାଧିକା ରଜନୀଗନ୍ଧା', 'କିଏ କାଚ ପୁଣି କିଏ କାଞ୍ଚନ' ଏବଂ ଆହୁରି ଅନେକ।




ମ୍ୟୁଜିକ୍‌ରେ ମେଲୋଡି ଏବଂ ଆକଷ୍ଟିକ୍ ରିଦମ୍‌କୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବିକାଶ କହନ୍ତି: ମୁଁ କେବଳ ମୋ ସଙ୍ଗୀତକୁ ନେଇ ଚାଲିଛି। କାହାରି ସହିତ କମ୍ପ୍ରୋମାଇଜ୍ କରିନାହିଁ କିମ୍ବା କୌଣସି ପ୍ରକାର କମ୍ପ୍ରୋମାଇଜ୍ ଭିତରେ ନାହିଁ। ସଙ୍ଗୀତକୁ ମୁଁ ଯେମିତି ଭଲପାଇଛି ସଙ୍ଗୀତ ମଧ୍ୟ ମୋତେ ଠିକ୍ ସେମିତି ଆପଣାର କରିଛି। ମୋତେ ତ ଅନେକ ସମୟରେ ଲାଗିଛି ମୁଁ ଓ ସଙ୍ଗୀତ ଏକ ତଥା ଅଭିନ୍ନ। ମୋ ଭିତରେ ସଙ୍ଗୀତ ଅଛି। ଆଉ ସଙ୍ଗୀତ ଭିତରେ ମୁଁ ନିଜକୁ ତଲ୍ଲୀନ କରିଦେଇଛି।

# ଲାସ୍ୟମୟୀ ମାମା

ମଧୁସ୍ମିତା ରାଉତ କହିଲେ ହୁଏତ କେହି ଜାଣି ନ ପାରନ୍ତି। ମାତ୍ର ମାମା ବୋଲି କହିଲେ ସମସ୍ତେ ତାଙ୍କୁ ଚିହ୍ନିଦେବେ। ଜଣେ ଶିଶୁ କଳାକାର ଭାବରେ ମାମା 'ରୁକ୍ମିଣୀ ଗଣନାଟ୍ୟ'ରେ ଯୋଗଦେଇ ତାଙ୍କର ଯାତ୍ରା ଜୀବନ ଆରମ୍ଭ କରିଥିଲେ। ତା'ପରେ ସେ ଆସିଲେ ସାତଶଙ୍ଖ ଅପେରାକୁ। ସେତେବେଳେ ସେ ଥିଲେ ଜଣେ ଡଉଲ ଡାଉଲ ଛୋଟ ଝିଅ। ନାୟିକାଙ୍କ ପିଲାବେଳ ଭୂମିକାରେ ଆସୁଥିଲେ ଦର୍ଶକଙ୍କ ସାମ୍ନାକୁ। ଦର୍ଶକଙ୍କର ତାଳି ତାଙ୍କୁ ଖୁବ୍ ଆନନ୍ଦ ଦେଉଥିଲା। ମାତ୍ର ସେତିକିରେ ସେ ସନ୍ତୁଷ୍ଟ ହେଉ ନ ଥିଲେ। ତାଙ୍କର ଇଚ୍ଛା ଥିଲା ସେ ବଡ଼ ହୋଇ ନାୟିକା ହେବେ। ଆଉ ଏବେ ତାଙ୍କର ସେଇ ସ୍ୱପ୍ନ ପୂରଣ ହୋଇଛି। ଓଡ଼ିଆ ଯାତ୍ରା ଜଗତରେ ମାମା ଜଣେ ଆଗଧାଡ଼ିର ନାୟିକା। ଟ୍ରାଜେଡି ହେଉ କି ଖୁସିବାସିଆ ଝିଅ, ଡ୍ୟାନ୍ସ ହେଉ କି ଡାଏଲଗ୍ – ସବୁଥିରେ ମାମା ଫିଟ୍। ଦର୍ଶକଙ୍କ ପାଇଁ ସବୁଠୁ ସୁନ୍ଦର ତାଙ୍କର ହସ। ପୁଣି ତାଙ୍କର ସବୁଠୁ ଏକ ବଡ଼ଗୁଣ ହେଲା ସବୁପ୍ରକାର ଅଭିନୟରେ ସେ ନିଜକୁ ଫିଟ୍ କରି ନେଇପାରନ୍ତି। ସେଥିପାଇଁ ସେ ଦର୍ଶକଙ୍କର ଖୁବ୍ ପ୍ରିୟ। ସେ ୧୯ବର୍ଷ ଅତିକ୍ରମ କରି ସାରିଲେଣି ଯାତ୍ରା ଜଗତରେ। ରୁକ୍ମିଣୀ ଗଣନାଟ୍ୟରୁ ନିଜର ଯାତ୍ରା କ୍ୟାରିୟର ଆରମ୍ଭ କରିଥିବା ମାମା ଇତିମଧ୍ୟରେ 'ଧଉଳି', 'ଟାଇଗର ତାରିଣୀ', 'ଗଉରୀ', 'ସାଇଶ୍ରୀ', 'ତାରିଣୀ', 'କଳିଙ୍ଗ' ତଥା 'ଯାତ୍ରା ଗାଁ' ଭଳି ଆଗଧାଡ଼ିର ଯାତ୍ରାନୁଷ୍ଠାରେ ଅଭିନୟ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। କେବଳ 'କଳିଙ୍ଗ ଗଣନାଟ୍ୟ'ରେ ସେ ଅତିବାହିତ କରିଛନ୍ତି ୮ବର୍ଷ। ମଝିରେ ଗୋଟିଏ ବର୍ଷ ସେ 'ଯାତ୍ରା ଗାଁ'କୁ ଆସିଥିବା ବେଳେ ଚଳିତ ବର୍ଷ ସେ ପୁଣିଥରେ 'କଳିଙ୍ଗ ଗଣନାଟ୍ୟ'କୁ ଫେରି ଯାଇ ନିଜର ଅଭିନୟ ଜାରି ରଖିଛନ୍ତି। ମାମାଙ୍କ ଅଭିନୀତ ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'କାଗଜ ବୋହୂ', 'ଆକାଶ ଛତା', 'ଦି ଟୋପା ଲୁହ', 'ଧରମ ଝିଅ', 'ନିଆଁ ଭିତରେ ହାତ', 'ପରଦେଶୀ ଫେରିବାଲି', 'ସୁନ୍ଦରୀ ସ୍ତ୍ରୀର ସ୍ୱାମୀ ହବା ମନା', 'ଶେଷ ଠିକଣା ସ୍ୱର୍ଗଦ୍ୱାର', 'ରଙ୍ଗ ବଜାରରେ ରଙ୍ଗ ଜୋକର', 'ପୁରୀ ଆଉ କେତେବାଟ', 'ତୁ ମୋଦି ମୁଁ ଗାନ୍ଧୀ', 'ନାଁ ନେଇଗଲା ଗାଁ ପିଲାଟା', 'ବାଃବାଃରେ ଉପରବାଲା' ଏବଂ ଆହୁରି ଅନେକ। ଚଳିତ ବର୍ଷ କଳିଙ୍ଗ ଗଣନାଟ୍ୟରେ ମାମାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ସ୍ୱାମୀ ଆସିଥିଲା ରାତିକ ପାଇଁ', 'ଠିକଣା ହଜିଛି ଜଗା ଭାଇର', 'ମତେ ଭୁଲିଯିବୁ ତତେ ମୋ ରାଣ', 'ହାଟରୁ କିଣିଛି ବାଟର ସାଥୀ' ଏବଂ 'ରାଧା ହଜିଗଲା ଅଧାବାଟରେ'। ମାମାଙ୍କ ପସନ୍ଦର ନାଟକ ମଧ୍ୟରେ ରହିଛି 'ଶେଷ ଠିକଣା ସ୍ୱର୍ଗଦ୍ୱାର' ଏବଂ 'ଠିକଣା ହଜିଛି ଜଗାଭାଇର'। କାରଣ ଏଥିରେ ସେ ତାଙ୍କ ମନପସନ୍ଦର ଭୂମିକା ପାଇଛନ୍ତି ବୋଲି କହନ୍ତି ଏହି ଲାସ୍ୟମୟୀ ନାୟିକା।



## ପୁସ୍ତକ ସମୀକ୍ଷା




### ବର୍ଣ୍ଣିଳ ବର୍ଣ୍ଣାଳୀ

କବି : ଗୀତାଞ୍ଜଳି ମହାନ୍ତି

କବିତା ସଂକଳନ 'ବର୍ଣ୍ଣିଳ ବର୍ଣ୍ଣାଳୀ' ଆମର ହସ୍ତଗତ ହୋଇଛି। ଏହାର କବି ହେଉଛନ୍ତି ଗୀତାଞ୍ଜଳି ମହାନ୍ତି। ଏଥିରେ ରହିଛି ମୋଟ ୭୩ଟି କବିତା। ସଂକଳନର ପ୍ରଥମ କବିତାର ଶୀର୍ଷକ କବିଟିଏ। ଜଣେ ସ୍ରଷ୍ଟାର ଅନ୍ତରକଥାକୁ ଅତି ମାର୍ମିକ ଢଙ୍ଗରେ ଉପସ୍ଥାପନ କରିଛନ୍ତି କବି। ସଂକଳନରେ କବିଙ୍କ ଜୀବନାନୁଭୂତିର ସହଜ ଓ ସରଳ ଅଭିବ୍ୟକ୍ତି ସ୍ପଷ୍ଟ ଭାବରେ ପରିଲକ୍ଷ୍ୟ। କୋମଳତା ଏହି କବିତା ସଂକଳନର ଏକ ବିଭବ ବୋଲି କୁହାଯାଇପାରିବ। ସଂକଳନଟି ପାଠକୀୟ ଶ୍ରଦ୍ଧା ଲାଭକରିବା ଆଶା କରାଯାଏ।




### ସ୍ମୃତିର ଆଇନା

ଲେଖକ : ସୂର୍ଯ୍ୟନାରାୟଣ ଦାସ

ସ୍ମୃତିର ଆଇନା ହେଉଛି ଏକ ଆତ୍ମଜୀବନୀ ସମ୍ବଳିତ ପୁସ୍ତକ। ଏହାର ରଚନାକାର ହେଉଛନ୍ତି ସୂର୍ଯ୍ୟନାରାୟଣ ଦାସ। ଜୀବନ ଯଦି ଗୋଟେ ଯାତ୍ରା ହୁଏ ତା'ହେଲେ ଜଣେ ମଣିଷକୁ ଭିନ୍ନଭିନ୍ନ ସମୟରେ ବିଭିନ୍ନ ପରିବେଶ, ପରିସ୍ଥିତି ତଥା ଜନ ସମୁଦାୟ ସହିତ ମିଶିବାକୁ ପଡ଼ିଥାଏ। ଫଳରେ ଅନୁଭୂତି ଓ ଅନୁଭବରେ ଜୀବନ ପରିପୂର୍ଣ୍ଣ ହୋଇଥାଏ। ସେହିଭଳି ନିଜ ଜୀବନର ଅନୁଭବ ଓ ଅନୁଭୂତିକୁ ଏହି ପୁସ୍ତକରେ ଅତି ମାର୍ମିକ ଢଙ୍ଗରେ ପ୍ରକାଶ କରିଛନ୍ତି ଲେଖକ। ପୁସ୍ତକଟି ପଠନୀୟତା ଦାବି କରେ।

ବ୍ୟାକ୍ ପେଜ୍








# ଉଲ୍‌ର କଙ୍କାଳ

ଉଲ୍‌ରେ ତିଆରି ହୁଏ ଶୀତବସ୍ତ୍ର । ଏଥିରୁ ଘର ସାଜସଜ୍ଜା ସାମଗ୍ରୀ ବି ପ୍ରସ୍ତୁତ କରାଯାଏ । ଉଲ୍‌ର ଏମିତି ଅନେକ ସାମଗ୍ରୀ ବିଷୟରେ ଜାଣିଥିବେ ଓ ଦେଖିଥିବେ ମଧ୍ୟ । ତେବେ ପାପ୍ ନାମକ ଜଣେ ବ୍ୟକ୍ତି ଉଲ୍‌ରେ ଏଭଳି ଜିନିଷ ତିଆରି କରିଛନ୍ତି, ଯାହାକୁ ଦେଖିଲେ ଯେ କେହି ଚକିତ ହୋଇଯିବେ । କାରଣ ଏହି ଜିନିଷଟି ହେଉଛି ଏକ ମଣିଷର କଙ୍କାଳ । ଆଉ ସେ ତାକୁ ଏତେ ନିଖୁଣଭାବେ କରିଛନ୍ତି ଯେ, ତାହା ସତସତିକା କଙ୍କାଳ ପରି ଲାଗେ । ଏହାକୁ ତିଆରି କରିବା ପାଇଁ ତାଙ୍କୁ ୮ ମାସ ସମୟ ଲାଗିଥିଲା । ପ୍ରଥମ ୪ ମାସ କଙ୍କାଳ ତିଆରି ଓ ଅନ୍ୟ ୪ ମାସ ତା' ମଧ୍ୟସ୍ଥ ଅଙ୍ଗପ୍ରତ୍ୟଙ୍ଗ ତିଆରି କରିବାକୁ ଲାଗିଥିଲା । ପାପ୍‌ଙ୍କର ଇଚ୍ଛା ଥିଲା ଜଣେ ଏକ୍ସ-ରେ ଟେକ୍ନିସିଆନ୍ ହେବା । ହେଲେ ସେ ସେଥିପାଇଁ ଅଧ୍ୟୟନ କରି ନ ଥିଲେ । ଆଉ ଆର୍ଟ ସ୍କୁଲରେ ପଢ଼ିଲେ । ହେଲେ ଶରୀର ବିଜ୍ଞାନ ବିଷୟରେ ଜାଣିବାକୁ ତାଙ୍କର ଆଗ୍ରହ ଥିଲା । ତେଣୁ ଅନେକ ମେଡିକାଲ ବହି ବି ପଢୁଥିଲେ । ଶେଷରେ ସେ ନିଜ କଳା ସାହାଯ୍ୟରେ ମଣିଷ ଶରୀରର ଏକ୍ସ-ରେ ତିଆରି କରିବାକୁ ଚାହିଁଲେ । ଆଉ ସେ ଉଲ୍‌ର ଏହି କଙ୍କାଳ ତିଆରି କଲେ । ଏହି କଙ୍କାଳ ଯେମିତି ଜୀବନ୍ତ ଲାଗେ ଏହା ମଧ୍ୟସ୍ଥ ଅଙ୍ଗଗୁଡିକ ସେହିଭଳି ବାସ୍ତବ ଲାଗେ । ତେଣୁ ତାଙ୍କର ଏହି କାମକୁ ସମସ୍ତେ ବହୁତ ପସନ୍ଦ କରୁଛନ୍ତି ।







# ମାଇକେଲ ଜ୍ୟାକ୍‌ସନ ହେବାର ନିଶାରେ

ସାରା ପୃଥିବୀରେ ଅଛନ୍ତି ମାଇକେଲ ଜ୍ୟାକ୍‌ସନଙ୍କର ଅନେକ ଫ୍ୟାନ୍ । ହେଲେ ଆର୍ଜେଣ୍ଟିନା, ବୁଏନ୍ସ ଏୟାର୍ସରେ ରହୁଥିବା ୨୨ ବର୍ଷୀୟ ଲିଓ ବ୍ଲାଙ୍କୋଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ । ସେ ସମ୍ପୂର୍ଣ୍ଣଭାବେ ନିଜ ଆଇଡଲଙ୍କ ପରି ଦେଖାଯିବାକୁ ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ସେ ୩୦,୦୦୦ଡଲାର ଖର୍ଚ୍ଚ କରି ନିଜର ପ୍ଲାଷ୍ଟିକ୍ ସର୍ଜରି କରାଇଥିଲେ । ସେ ପୁଣି ପ୍ରଥମ ସର୍ଜରି ମାତ୍ର ୧୫ ବର୍ଷ ବୟସରେ କରିଥିଲେ । ଏହାର ୭ ବର୍ଷ ପରେ ୧୧ଟି ସର୍ଜରି କରାଇ ଏବେ ସେ ଅନେକାଂଶରେ ମାଇକେଲ ଜ୍ୟାକ୍‌ସନଙ୍କ ପରି ଦେଖାଯାଉଛନ୍ତି । ନାକରେ ସେ ଚାରିଥର ସର୍ଜରି କରିଛନ୍ତି । ସେହିଭଳି ଥୋଡ଼ି, ହନୁହାଡ଼, ଗାଲରେ ବି ସର୍ଜରି କରାଇଛନ୍ତି । ମାଇକେଲ ଜ୍ୟାକ୍‌ସନଙ୍କ ଲୁକ୍ ପାଇବା ପରେ ଲିଓ ବହୁତ ଖୁସି । ରାସ୍ତାରେ ଗଲାବେଳେ ଲୋକଙ୍କ ପ୍ରତିକ୍ରିୟା ତାଙ୍କୁ ଉତ୍ସାହ ଓ ଆନନ୍ଦ ଦିଏ । ହେଲେ ତାଙ୍କ ମା'ଙ୍କୁ ପୁଅର ଏହି ନିଶା ବହୁ କଷ୍ଟ ଦିଏ । ସେ ମାଇକେଲ ଜ୍ୟାକ୍‌ସନ ମୁହଁ ପଛରେ ନିଜ ପୁଅର ମୁହଁ ଖୋଜନ୍ତି । ହେଲେ ହଜିଯାଇଥିବା ସେହି ଚେହେରା ତାଙ୍କୁ ଆଉ ଦେଖିବାକୁ ମିଳେନା, ଯାହାକି ତାଙ୍କ ମନରେ ଦୁଃଖ ଦିଏ ।